ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.139 Bhubaneswar Saturday July 08 2023 | ୨୬ତମ ବର୍ଷ ସଂଖ୍ୟା–୧୩୯ ଭୁବନେଶ୍ୱର, ଶନିବାର, ଜୁଲାଇ ୦୮, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS

## ବାଲେଶ୍ୱର ଟ୍ରେନ୍ ଟ୍ରାଜେଡି: ୩ ଅଭିଯୁକ୍ତଙ୍କୁ ୫ ଦିନିଆ ରିମାଣ୍ଡରେ ନେଲା ସିବିଆଇ

ବାଲେଶ୍ୱର,୭ ।୭(ପି.ଏନ): ବାଲେଶ୍ୱର ଜିଲ୍ଲା ବାହାନଗା ଟ୍ରାଜେଡି ମାମଲାରେ ୩ ଅଭିଯୁକ୍ତଙ୍କୁ ସିବିଆଇ ୫ ଦିନିଆ ରିମାଣ୍ଡ ନେବା ପାଇଁ ଅନୁମତି ଦେଲେ କୋର୍ଟ। ସିବିଆଇ ରିମାଣ୍ଡ ଆବେଦନର ଶୁଣାଣି କରି ଆଜି ରାତି ପ୍ରାୟ ସାଢେ ୧୦ଟାରେ ଏହି ଅନୁମତି ଦେଇଛନ୍ତି ସ୍ୱତନ୍ତ୍ର ସିବିଆଇ କୋର୍ଟ ।ବାହାନଗା ବଜାର ଷ୍ଟେସନ୍‌ରେ ଘଟିଥିଲା ଭୟଙ୍କର ଟ୍ରେନ୍ ଦୁର୍ଘଟଣା। ଏହି ଦୁର୍ଘଟଣାରେ ଯାଇଥିଲା ୨୯୩ ଜଣ ଯାତ୍ରୀଙ୍କ ଜୀବନ। ଏହି ମାମଲାରେ ସିବିଆଇ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଗିରଫ ତିନି ଅଭିଯୁକ୍ତ ହେଲେ ସିନିଅର ସେକ୍ସନ ଇଂଜିନିୟର ଅରୁଣ କୁମାର ମହାନ୍ତ, ସେକ୍ସନ ଇଂଜିନିୟର ମହମ୍ମଦ ଅମିର ଖାଁ ଓ ଟେକ୍ନିସିଆନ ପପୁ କୁମାର।



## ହିମାଚଳ ପ୍ରଦେଶରେ ଭୂ-କମ୍ପର ଝଟକା : ତୀବ୍ରତା ୩.୬

ଶିମଲା, ୭ ।୭(ପି.ଏନ): ହିମାଚଳ ପ୍ରଦେଶରେ ଭୂ-କମ୍ପର ଝଟକା ଅନୁଭୂତ ହୋଇଛି । ଆଜି ସକାଳେ କିନ୍ନୌରରେ ଭୂ-କମ୍ପର ଝଟକା ଅନୁଭୂତ ହୋଇଛି । ରିକ୍ଟର ସ୍କେଲରେ ଯାହାର ତୀବ୍ରତା ଥିଲା ୩.୬ । ଏଥିରେ କ୍ଷୟକ୍ଷତି ସମ୍ପର୍କିତ କୌଣସି ସୂଚନା ମିଳିନାହିଁ ।ପାଣିପାଗ ବିଜ୍ଞାନ କେନ୍ଦ୍ର ଶିମଲାର ସୂଚନା ମୁତାବକ, ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୦ଟା ୫୦ ମିନିଟ୍ ସମୟରେ କିଛି ସେକେଣ୍ଡ ପାଇଁ ଏହି ଭୂ-କମ୍ପ ଅନୁଭୂତ ହୋଇଥିଲା । ରିକ୍ଟର ସ୍କେଲରେ ଯାହାର ତୀବ୍ରତା ଥିଲା ୩.୬ । ଏହାର କେନ୍ଦ୍ର ସ୍ଥଳ କିନ୍ନୌରରେ ଭୂପୃଷ୍ଠରୁ ୫ କି.ମି. ତଳେ ରହିଥିଲା । ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏହି ଭୂ-କମ୍ପରେ କୌଣସି କ୍ଷୟକ୍ଷତି ହୋଇନଥିବା କୁହାଯାଇଛି।

## ୯ରେ ୪ ଦିନିଆ ଓଡ଼ିଶା ଗସ୍ତରେ ଆସିବେ ଛତିଶଗଡ଼ ରାଜ୍ୟପାଳ

ରାୟପୁର/ଭୁବନେଶ୍ୱର, ୭ ।୭(ପି.ଏନ): ଛତିଶଗଡ଼ ରାଜ୍ୟପାଳ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଆସନ୍ତା ୯ ତାରିଖର ୪ ଦିନିଆ ଓଡ଼ିଶା ଗସ୍ତରେ ଆସୁଥିବା ଛତିଶଗଡ଼ ରାଜଭବନରୁ ପ୍ରକାଶିତ ଏକ ପ୍ରେସବିବୃତିରୁ ଜଣାପଡ଼ିଛି। ରାଜ୍ୟପାଳ ଶ୍ରୀ ହରିଚନ୍ଦନ ୯ ତାରିଖ ପୂର୍ବାହ୍ନରେ ଭୁବନେଶ୍ୱର ବିମାନ ବନ୍ଦରରୁ ନିଜସ୍ୱ ବାସଭବନ ଅଭିମୁଖେ ଯାତ୍ରା କରିବେ । ଉକ୍ତଦିନ ଅପରାହ୍ନରେ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀ ଗସ୍ତ କାର୍ଯ୍ୟକ୍ରମ ରହିଛି। ୧୦ ତାରିଖ ପୂର୍ବାହ୍ନରେ ଓଡ଼ିଶାର କେତେକ ବିଶିଷ୍ଟ ବ୍ୟକ୍ତିମାନଙ୍କ ଆଲୋଚନା ଥିଲା ବେଳେ ଅପରାହ୍ନରେ ଖୋର୍ଦ୍ଧା ଜିଲ୍ଲା କୁହୁଡ଼ି ନିକଟ ଜନତା ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଯୋଗଦେବେ। ୧୧ ତାରିଖରେ ପୂର୍ବାହ୍ନରେ ଏକ ପୂର୍ବ ନିର୍ଦ୍ଧାରିତ ଏକ କାର୍ଯ୍ୟକ୍ରମ ଥିଲା ବେଳେ ଅପରାହ୍ନରେ ଓଡ଼ିଶାର ପୂର୍ବତନ ମନ୍ତ୍ରୀ ତଥା ବିଶିଷ୍ଟ ନେତା ସ୍ୱର୍ଗତ ପ୍ରଦୀପ୍ତ କୁମାର ଦାସଙ୍କ ଜନ୍ମ ଶତବାର୍ଷିକ ସମାରୋହ ଉତ୍ସବରେ ଯୋଗଦାନ ସ୍ୱର୍ଗତ ଦାସଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଜଣାଇବାର କାର୍ଯ୍ୟକ୍ରମ ରହିଛି। ଉପରୋକ୍ତ କାର୍ଯ୍ୟକ୍ରମ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ସହିତ ଆଲୋଚନା ପରେ ରାଜ୍ୟପାଳ ଶ୍ରୀ ହରିଚନନ୍ଦନ ୧୨ ତାରିଖ ପୂର୍ବାହ୍ନରେ ଛତିଶଗଡ଼, ରାୟପୁର ରାଜଭବନ ଅଭିମୁଖେ ପ୍ରତ୍ୟାବର୍ତନ କରିବାର କାର୍ଯ୍ୟକ୍ରମ ଥିବା ରାଜଭବନରୁ ପ୍ରକାଶିତ ଏକ ପ୍ରେସବିବୃତିରୁ ଜଣାପଡ଼ିଛି।

## ଯୁକ୍ତ ୨ ନାମଲେଖା ଆରମ୍ଭ

ଭୁବନେଶ୍ୱର, ୭ ।୭(ପି.ଏନ): ରାଜ୍ୟର ୨୧୫୮ଗୋଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକାଦଶ ଶ୍ରେଣୀରେ ନାମ ଲେଖା ଆରମ୍ଭ ହୋଇଛି । ଏହା ଜୁଲାଇ ୭ ତାରିଖରୁ ୧୩ ତାରିଖ ଯାଏ ଚାଲିବ । ନାମ ଲେଖା ପାଇଁ ପ୍ରଥମ ପର୍ଯ୍ୟାୟରେ ମନୋନୀତ ହୋଇଥିବା ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ସେମାନଙ୍କ ହ୍ୱାଟ୍ସଆପରେ ସୂଚନା ବା ଇଂଟିମେସନ ପଠାଯାଇଛି । ଯଦି କୌଣସି ଛାତ୍ରଛାତ୍ରୀ ନିଜର ଇଂଟିମେସନ ଲେଟର ଆଣି ଆସିନଥାନ୍ତି, ତେବେ ସେମାନଙ୍କ ହ୍ୱାଟ୍ସଆପ ମେସେଜ ଦେଖାଇ ନାମ ଲେଖାଇ ପାରିବେ । ଏଦିଗରେ ଅଧକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।ପ୍ରତିଦିନ ଘଂଟାପ୍ରତି ୧୫ଜଣ ଛାତ୍ରଛାତ୍ରୀ ନାମଲେଖା ପାଇଁ ଇଂଟିମେସନ ପଠାଯାଇଛି। ପ୍ରତ୍ୟହ ଅପରାହ୍ନ ୪ଟାରୁ ୫ଟା ବିଳମ୍ବରେ ଆସିଥିବା ପିଲାଙ୍କ ନାମଲେଖା ପାଇଁ ସମୟ ଧାର୍ଯ୍ୟ କରାଯାଇଛି । ଯଦି କୌଣସି ଛାତ୍ରଛାତ୍ରୀ ନିର୍ଦ୍ଧାରିତ ତାରିଖରେ କୌଣସି କାରଣରୁ ନାମଲେଖା ପାଇଁ ଉପସ୍ଥିତ ହୋଇ ପାରିବେ ନାହିଁ, ତେବେ ସେମାନେ ଜୁଲାଇ ୧୩ ତାରିଖ ମଧ୍ୟରେ ନାମ ଲେଖାଇ ପାରିବେ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ରଘୁରାମ ଆର. ଆୟାର ସୂଚନା ଦେଇଛନ୍ତି ।

## ୬ ଜିଲ୍ଲାରେ ନୂଆ ବିଜେଡି ସଭାପତି

ଭୁବନେଶ୍ୱର, ୭ ।୭(ପି.ଏନ): ୬ ଜିଲ୍ଲାରେ ସଭାପତି ନିଯୁକ୍ତ କରିଛି ବିଜେଡି। ଢେଙ୍କାନାଳ, ବାଲେଶ୍ୱର, କୋରାପୁଟ ,ବରଗଡ, ରାଉରକେଲା ଓ ଝାରସୁଗୁଡା ଜିଲ୍ଲାରେ ସଭାପତିଙ୍କୁ ଦଳର ମୁଖ୍ୟ ନବୀନ ପଟ୍ଟନାୟକ ନିଯୁକ୍ତି ଦେଇଛନ୍ତି ।ଢେଙ୍କାନାଳ ଜିଲ୍ଲାର ବିଜେଡି ସଭାପତି ହୋଇଛନ୍ତି ନୃସିଂହ ଚରଣ ସାହୁ। ସେହିପରି ଦେବୀ ପ୍ରସାଦ ଭୁତିଆଙ୍କୁ ଢେଙ୍କାନାଳ ଜିଲ୍ଲାର କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ଅଶ୍ୱିନୀ କୁମାର ପାତ୍ର ବାଲେଶ୍ୱର ଜିଲ୍ଲା ସଭାପତି ଭାବେ ନିଯୁକ୍ତ ହୋଇଛନ୍ତି। ଝିନ୍ନ ହିକକା କୋରାପୁଟ ଜିଲ୍ଲା ବିଜେଡି ସଭାପତି ହୋଇଥିବାବେଳେ ପ୍ରଶାନ୍ତ ଗୁପ୍ତା କାର୍ଯ୍ୟକାରୀ ସଭାପତି ହୋଇଛନ୍ତି । ସେହିପରି ପ୍ରଭାସ କୁମାର ସିଂଙ୍କୁ ବରଗଡ ଜିଲ୍ଲା ସଭାପତି ଓ ସୁଶାନ୍ତ ମହାପାତ୍ର (ଜାପାନୀ)ଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି।

## ବରୁଣେଇରେ ପାଇକ ବିଦ୍ରୋହ ସ୍ମାରକୀ ସ୍ଥଳ ପରିଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ

ଖୋର୍ଦ୍ଧା/ଭୁବନେଶ୍ୱର, ୭ ।୭ (ପି.ଏନ): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଖୋର୍ଦ୍ଧା ଜିଲ୍ଲା ବରୁଣେଇ ଠାରେ ପାଇକ ବିଦ୍ରୋହ ସ୍ମାରକୀ ସ୍ଥଳ ପରିଦର୍ଶନ କରିବା ସହ ପ୍ରକଳ୍ପ କାମର ଅଗ୍ରଗତି ନେଇ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି ।ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ପ୍ରକଳ୍ପର ପରିକଳ୍ପନା ୨୦୧୭ ମସିହାରେ ହୋଇଥିଲା । ଏହି ବର୍ଷ ଭାରତର ତତ୍କାଳୀନ ଅର୍ଥମନ୍ତ୍ରୀ ସ୍ୱର୍ଗତ ଅରୁଣ ଜେଟଲୀ ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ପାଳନ ପାଇଁ କେନ୍ଦ୍ର ବଜେଟରେ ଅର୍ଥ ବରାଦ କରିବା ସହ ଓଡ଼ିଆ ଜାତିର ବୀରତ୍ୱକୁ ରାଷ୍ଟ୍ରୀୟ-ଅନ୍ତରାଷ୍ଟ୍ରୀୟ ସ୍ୱୀକୃତି ପ୍ରଦାନ କରିଥିଲେ । ପରେ ୨୦୧୭ ଜୁଲାଇ ୨୦ରେ ତତ୍କାଳୀନ ରାଷ୍ଟ୍ରପତିଙ୍କ ଉପସ୍ଥିତିରେ ନୂଆଦିଲ୍ଲୀ ଠାରେ ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ସମାରୋହର ଆୟୋଜନ ହୋଇଥିଲା । ୨୦୧୮ ଡିସେମ୍ବର ୨୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବରୁଣେଇ ପାଦଦେଶରେ ପାଇକ ବିଦ୍ରୋହର ସ୍ମାରକୀ ମୁଦ୍ରା ଓ ଷ୍ଟାମ୍ପ ଉନ୍ମୋଚନ କରିଥିଲେ । ୨୦୧୯ ଡିସେମ୍ବର ୮ରେ ଭାରତର ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପାଇକ ସ୍ମାରକୀର ଭିତିପ୍ରସ୍ତର ସ୍ଥାପନ କରିଥିଲେ। ୨୦୧୭ରୁ ପାଖାପାଖି ୬ ବର୍ଷ ମଧ୍ୟରେ ପାଇକ ବିଦ୍ରୋହ ସ୍ମାରକୀ ନିର୍ମାଣ ପାଇଁ ସବୁ ବୁଝାମଣା ହୋଇ ସାରିଛି । ରାଜ୍ୟ ସରକାର ବରୁଣେଇର ପାଦଦେଶରେ ଜମି ମଧ୍ୟ ଉପଲବ୍ଧ କରାଇଛନ୍ତି। ଭାରତ ସରକାରଙ୍କ ସଂସ୍କୃତି ବିଭାଗ ସବୁ ନିୟମକୁ ମାନିବା ପାଇଁ ପ୍ରସ୍ତୁତ ଅଛନ୍ତି। ପ୍ରକଳ୍ପ ସ୍ଥାନରୁ ବିଦ୍ୟୁତ ଖୁଂଟ ଓ ଗଛ ହସ୍ତାନ୍ତରଣ ପାଇଁ ଅର୍ଥ ଦିଆଯାଇଛି । ଏହା ସ୍ମାରକୀ ନିର୍ମାଣ କାର୍ଯ୍ୟରେ ବିଳମ୍ବ ଘଟିଛି। ପାଇକ ବିଦ୍ରୋହ ହେଉଛି ଓଡିଆ ଜାତିର ସ୍ୱାଭିମାନ, ଅସ୍ମିତା ଓ ଗୌରବର ପ୍ରତୀକ । ତେଣୁ ଓଡ଼ିଆ ଅସ୍ମିତାର ପ୍ରତୀକ ଭାବେ ପାଇକ ସ୍ମାରକୀ ନିର୍ମାଣ ପାଇଁ ସମସ୍ତଙ୍କର ସହଯୋଗର ଆବଶ୍ୟକତା ରହିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।ଏହି ପ୍ରକଳ୍ପ ସ୍ଥାନ ପରିଦର୍ଶନ ସମୟରେ କେନ୍ଦ୍ରମନ୍ତ୍ରୀଙ୍କ ସହ ସାଂସଦ ଭର୍ତ୍ତୃହରି ମହତାବ ସାଥୀରେ ଥିଲେ ।

## ଆଇପିଏସ ସ୍ତରରେ ଅଦଳବଦଳ: ବଦଳିଲେ ନୟାଗଡ଼ ଓ କଟକ ଏସପି

ଭୁବନେଶ୍ୱର,୭ ।୭ (ପି.ଏନ): ରାଜ୍ୟ ସରକାର ଆଜି ଆଇପିଏସ ସ୍ତରରେ ଅଦଳବଦଳ କରିଛନ୍ତି । ନୟାଗଡ଼ ଓ କଟକରେ ନୂଆ ପୁଲିସ ଏସପିଙ୍କୁ ନିଯୁକ୍ତି ମିଳିଛି। ରାଜ୍ୟ ଗୃହ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ୨୦୦୩ ବ୍ୟାଚ୍ ଆଇପିଏସ୍ କେ.ସଫିନ ଅହମ୍ମଦଙ୍କୁ କ୍ରାଇମବ୍ରାଂଚ ଆଇଜି ଭାବେ ବଦଳି ହୋଇଛି। ସଫିନ ଏବେ ଏଚଆରପିସି ଆଇଜି ଅଛନ୍ତି । ସେହିପରି ପୁଲିସ ମୁଖ୍ୟାଳୟରେ କାର୍ଯ୍ୟରତ ଡିଆଇଜି ୨୦୦୭ ବ୍ୟାଚ୍ ଆଇପିଏସ୍ ସାର୍ଥକ ଷଡ଼ଙ୍ଗୀଙ୍କୁ ଅଗ୍ନିଶମ ସେବା ଓ ହୋମଗାର୍ଡ ଡିଆଇଜି ଭାବେ ବଦଳି ହୋଇଛି । ୨୦୦୮ ବ୍ୟାଚ୍ ଆଇପିଏସ୍ ତଥା କମ୍ପ୍ୟୁଟର ଡିଆଇଜି ସତ୍ୟଜିତ୍ ନାଏକଙ୍କୁ ଏଚଆରପିସି ଡିଆଇଜି , ୨୦୧୧ ବ୍ୟାଚ୍ ଆଇପିଏସ୍ ତଥା କଟକ ଏସପି ଯୁଗଳ କିଶୋର କୁମାର ବୋନଥଙ୍କୁ ପୁଲିସ ମୁଖ୍ୟାଳୟ ଅତିରିକ୍ତ ଆଇଜି ଭାବେ ବଦଳି କରାଯାଇଛି । ସେହିପରି ୨୦୧୫ ବ୍ୟାଚ୍ ଆଇପିଏସ୍ ରାହୁଲ ଜୈନଙ୍କୁ ନୟାଗଡ଼ ପୁଲିସ ଏସପି ଭାବେ ବଦଳି କରାଯାଇଛି । ଶ୍ରୀ ଜୈନ ଏବେ ମୁଖ୍ୟାଳୟ ଏସପି ଭାବେ କାର୍ଯ୍ୟରତ । ସେହିପରି ବରିଷ୍ଠ ଓପିଏସ୍ ମିହିର କୁମାର ପଣ୍ଡାଙ୍କୁ କଟକ ଏସପି ଭାବେ ବଦଳି ହୋଇଛି । ଶ୍ରୀ ପଣ୍ଡା ଏବେ ଭୁବନେଶ୍ୱର କମିଶନରେଟ ପୁଲିସର ସ୍ପେଶାଲ କ୍ରାଇମ ୟୁନିଟ୍ ଡିସିପି ଭାବେ କାର୍ଯ୍ୟ କରୁଛନ୍ତି ।

## ରେଭେନ୍ସା ଅଧ୍ୟାପିକାଙ୍କୁ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଆଡ଼ଭାନ୍ସଡ଼ ଷ୍ଟଡିଜର ସମ୍ମାନ ଜନକ ଫେଲୋସିପ

 କଟକ,୭ ।୭(ପି.ଏନ): ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ଅଧ୍ୟାପିକା ଡକ୍ଟର ମନୋରମା ପତ୍ରୀ ସିମଳା ସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଆଡ଼ଭାନ୍ସଡ଼ ଷ୍ଟଡିଜ ର ମର୍ଯ୍ୟାଦା ଜନକ ଫେଲୋସିପ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଡକ୍ଟର ପତ୍ରୀ ଏକ ବର୍ଷ ଧରି ଜୈବ ବିବିଧତା ଉପରେ ଉଚ୍ଚ ସ୍ତରୀୟ ଗବେଷଣା କରିବେ। ଡକ୍ଟର ପତ୍ରି ଏହା ପୂର୍ବରୁ ଓଶାକା ଜାପାନ, ହାଇଦରାବାଦ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଏବଂ ଜବାହାର ଲାଲ ନେହେରୁ ବିଶ୍ୱବିଦ୍ୟାଳୟ ରେ ଓ୍ୱେମେନ୍ ସାଇନଟିଷ୍ଟ ଭାବେ ପୋଷ୍ଟଡ଼କ୍ଟରଲ ଗବେଷଣା କରିଛନ୍ତି ଏବଂ ସମ୍ପ୍ରତି ରେଭେନ୍ସା



ବିଶ୍ୱବିଦ୍ୟାଳୟ ରେ ନ୍ୟୁରୋ ବାୟୋଲୋଜି ରେ ଗବେଷଣା କରୁଛନ୍ତି। ଉକ୍ତ ମର୍ଯ୍ୟାଜନକ ସମ୍ମାନ ପାଇଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ୬ ଜିଲ୍ଲାରେ ନୂଆ ବିଜେଡି ମୁଖିଆ: ବବିଙ୍କ ପତିଆରା ହ୍ରାସ, ରବି ଜେନା ଆଉଟ୍

ଭୁବନେଶ୍ୱର,୭ ।୭(ପି.ଏନ): ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି, ଶାସକ ବିଜେଡି ନିଜର ପୁରୁଖା ଓ କୋଣଠେସା ହୋଇ ରହିଥିବା ନେତାମାନଙ୍କୁ ସେତିକି ଗୁରୁତ୍ୱ ଦେବା ଆରମ୍ଭ କରିଛି । ଦୀର୍ଘଦିନ ଧରି ଖାଲି ପଡିଥିବା ୬ଟି ସାଂଗଠନିକ ଜିଲ୍ଲାରେ ନୂଆ ଦଳୀୟ ସଭାପତିଙ୍କୁ ନିଯୁକ୍ତି ମିଳିଛି । ଦଳୀୟ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ନେତାମାନଙ୍କୁ ଜିଲ୍ଲା ସଭାପତି ପଦବୀରୁ ହଟାଇଥିବା ବିଜେଡିର ଆଜିର ତାଲିକା ଗୋଟିଏ ଗୁଳିରେ ଅନେକ ଶିକାର ପାଇଁ ଉଦ୍ୟମ ହୋଇଛି । ସଂଗଠନ ସମ୍ପାଦକ ପ୍ରଣବପ୍ରକାଶ ଦାସଙ୍କ ପତିଆରା ହ୍ରାସ ଓ ବାଲେଶ୍ୱର ରାଜନୀତିରୁ ରବୀନ୍ଦ୍ର ଜେନାଙ୍କୁ ଆଉଟ୍ କରାଯିବାର ସନ୍ଦେଶ ଦଳ ପକ୍ଷରୁ ଦିଆଯାଇଥିବା ବିଜେଡି ମହଲରେ ଚର୍ଚ୍ଚା ।ବିଜେଡି ପକ୍ଷରୁ ଜାରି ପ୍ରେସ୍ ରିଲିଜ୍ ଅନୁସାରେ ଢେଙ୍କାନାଳ ଜିଲ୍ଲା ବିଜେଡି ସଭାପତି ଭାବେ ପୂର୍ବତନ ମନ୍ତ୍ରୀ ନୃସିଂହ ଚରଣ ସାହୁ ଓ କାର୍ଯ୍ୟକାରୀ ସଭାପତି ଦେବୀପ୍ରସାଦ ଭୂତିଆଙ୍କୁ ନିଯୁକ୍ତି ମିଳିଥିବାବେଳେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କୁ ବାଲେଶ୍ୱର ଜିଲ୍ଲା ସଭାପତି, ପୂର୍ବତନ ସାଂସଦ ଝିନ ହିକକାଙ୍କୁ କୋରାପୁଟ ଜିଲ୍ଲା ସଭାପତି ଓ ପ୍ରଶାନ୍ତ ଗୁପ୍ତାଙ୍କୁ କାର୍ଯ୍ୟକାରୀ ସଭାପତି, ପୂର୍ବତନ ସାଂସଦ ପ୍ରଭାସ କୁମାର ସିଂଙ୍କୁ ବରଗଡ ଜିଲ୍ଲା ସଭାପତି ଓ ସୁଶାନ୍ତ



ମହାପାତ୍ର(ଜାପାନୀ)ଙ୍କୁ କାର୍ଯ୍ୟକାରୀ ସଭାପତି, ହାଲୁ ମୁଣ୍ଡାରୀଙ୍କୁ ରାଉରକେଲା ସାଂଗଠନିକ ଜିଲ୍ଲା ସଭାପତି ଓ ରବି ସିଂଙ୍କୁ ଝାରସୁଗୁଡା ଜିଲ୍ଲା ସଭାପତି ଭାବେ ନିଯୁକ୍ତି ମିଳିଛି । ଦଳୀୟ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ଯୋଗୁ ଢେଙ୍କାନାଳ,ବାଲେଶ୍ୱର, ଜଗତସିଂହପୁର, ରାଉରକେଲା ଓ କୋରାପୁଟ ଜିଲ୍ଲା ସଭାପତି ପଦରୁ ଯଥାକ୍ରମେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ରବୀନ୍ଦ୍ର ଜେନା, ପ୍ରଶାନ୍ତ କୁମାର ମୁଦୁଲି, ଶାରଦା ନାୟକ ଓ ଈଶ୍ୱର ପାଣିଗ୍ରାହୀଙ୍କୁ ବାଦ୍ ଦିଆଯାଇଥିଲା । ବରଗଡରେ ବିଜୟରଞ୍ଜନ ସିଂ ବରିହା ଓ ଝାରସୁଗୁଡାରେ କିଶୋର ମହାନ୍ତିଙ୍କ ମୃତ୍ୟୁ ଯୋଗୁ ଏହି ଦୁଇ ଜିଲ୍ଲାର ସଭାପତି ପଦ ଖାଲି ପଡିଥିଲା । ଗତ ମାସରେ ଜଗତସିଂହପୁର ଜିଲ୍ଲା ସଭାପତି ଭାବେ ପୁରୁଖା ନେତା ରବିନାରାୟଣ ଜେନାଙ୍କୁ ନିଯୁକ୍ତି ମିଳିଥିଲା ।ବିଜେଡି ସୂତ୍ରରୁ ଜଣାପଡିଛି ଯେ, ଆଜି ଯେଉଁ ୬ଟି ସାଂଗଠନିକ ଜିଲ୍ଲା ପାଇଁ ସଭାପତି ଘୋଷଣା ହୋଇଛି ସେଥିରେ ଦଳ ନିଜର ପୁରୁଖା ନେତାମାନଙ୍କୁ ପୁଣିଥରେ ଗୁରୁତ୍ୱ ଦେଇଛି । ବାଲେଶ୍ୱର ରାଜନୀତିରେ ଦବଦବା ରଖୁଥିବା ରବୀନ୍ଦ୍ର ଜେନାଙ୍କୁ ସମ୍ପୂର୍ଣ୍ଣ ଭାବେ ଜିଲ୍ଲା ରାଜନୀତିରୁ ଦୂରେଇ ରଖାଯାଇଛି । ଏପରିକି ପୂର୍ବତନ ମନ୍ତ୍ରୀ ଜ୍ୟୋତିରଞ୍ଜନ ପାଣିଗ୍ରାହୀ ଓ ଅନନ୍ତ ଦାସଙ୍କ ଗୋଷ୍ଠୀକୁ ମଧ୍ୟ ବିଶେଷ ଗୁରୁତ୍ୱ ନଦେଇ ମନ୍ତ୍ରୀ ଅଶ୍ୱିନୀ ପାତ୍ରଙ୍କୁ ଜିଲ୍ଲା ସଭାପତି ଦାୟିତ୍ୱ ମିଳିଛି । ରବୀନ୍ଦ୍ରଙ୍କ ପତ୍ନୀ ସୁବାସିନୀଙ୍କୁ ବିଜେଡି ଆଗାମୀ ନିର୍ବାଚନରେ ବସ୍ତା କିମ୍ବା ବାଲେଶ୍ୱର ବିଧାନସଭା ଆସନରୁ ପ୍ରାର୍ଥୀ କରିବ ବୋଲି ସଙ୍କେତ ଦେଇଛି ଏବଂ ରବୀନ୍ଦ୍ରଙ୍କ ନିର୍ବାଚନ ଲଢ଼ିବା ଆଶା ଉପରେ ବ୍ରେକ୍ ଦେଇଛି । ତାଙ୍କୁ ବାଲେଶ୍ୱର ପରିବର୍ତ୍ତେ ଖୋର୍ଦ୍ଧା ଜିଲ୍ଲା ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ତୁଲାଇବାକୁ ତାଗିଦ୍ କରିଥିବା ଜଣାପଡିଛି ।

## ଅଚ୍ୟୁତ ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟୋରେଟ୍

ଭୁବନେଶ୍ୱର ୭ ।୭(ପି.ଏନ): ଶିକ୍ଷାବିତ୍ ଓ ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ପୁରୀସ୍ଥିତ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟୋରେଟ୍ ପ୍ରଦାନ କରାଯାଇଛି। ଶୁକ୍ରବାର ବିଶ୍ୱବିଦ୍ୟାଳୟର ୯ମ ସମାବର୍ତନ ଉତ୍ସବ ଅବସରରେ ଶ୍ରୀ ସାମନ୍ତଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡିଲିଟ୍ 'ପ୍ରଜ୍ଞା ବାଚସ୍ପତି' ସମ୍ମାନ ପ୍ରଦାନ କରାଯାଇଛି। ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନସୂଚକ ଡକ୍ଟୋରେଟ୍ ପ୍ରଦାନ କରାଯାଇଛି। ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଥମ ଥର ପାଇଁ ସମ୍ମାନସୂଚକ ଡକ୍ଟୋରେଟ ପ୍ରଦାନ କରାଯାଇଛି। ଓଡ଼ିଶା ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ଗଣେଶୀ ଲାଲ୍ ଶ୍ରୀ ସାମନ୍ତଙ୍କୁ ଡକ୍ଟୋରେଟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକା ତଥା ଶିକ୍ଷାବିତ୍ ଡ. ପ୍ରତିଭା



ରାୟ ଦୀକ୍ଷାନ୍ତ ଭାଷଣ ଦେବା ସହ ଶ୍ରୀ ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟୋରେଟ ଦିଆଯାଇଥିବାରୁ ଖୁସି ବ୍ୟକ୍ତ କରିଥିଲେ। ଶ୍ରୀ ସାମନ୍ତ ଶିକ୍ଷା ଓ ସମାଜସେବା ପାଇଁ ଯେଉଁ କାମ କରୁଛନ୍ତି ସେଥି ନିମନ୍ତେ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନସୂଚକ ଡକ୍ଟୋରେଟ ପ୍ରଦାନ କରିବା ଉଚିତ ବୋଲି ଡ. ରାୟ କହିଥିଲେ ।ଏହା ହେଉଛି ଶ୍ରୀ ସାମନ୍ତଙ୍କ ୫୩ତମ ଡକ୍ଟୋରେଟ। ଏହି ସମ୍ମାନ ପାଇଁ ଶ୍ରୀ ସାମନ୍ତଙ୍କୁ ମନୋନୀତ କରିଥିବାରୁ ଶ୍ରୀ ସାମନ୍ତ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ, ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ ସଦସ୍ୟ ଓ ଶିକ୍ଷା ପରିଷଦକୁ ନିଜର କୃତଜ୍ଞତା ଜଣାଇଛନ୍ତି। ପୁରୀ ମାଟିରେ ନିଜର ଶିକ୍ଷା ଯାତ୍ରା ଆରମ୍ଭ କରି ଏଠାରୁ ସମ୍ମାନସୂଚକ ଡକ୍ଟୋରେଟ ପାଇବା ସୌଭାଗ୍ୟର ବିଷୟ ବୋଲି ଶ୍ରୀ ସାମନ୍ତ କହିଛନ୍ତି। ଏହା ତାଙ୍କୁ ସମାଜ ପାଇଁ ଆହୁରି ଅଧିକ କାର୍ଯ୍ୟ କରିବା ନିମନ୍ତେ ପ୍ରେରଣା ଯୋଗାଇବ ବୋଲି ସେ କହିଛନ୍ତି। ଏହି ଦୀକ୍ଷାନ୍ତ ସମାରୋହରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ରବୀନ୍ଦ୍ର ପଣ୍ଡା, କୁଳସଚିବ ସୁମିତ୍ରା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଭୂତ ଖାଇଗଲା ସୋମଗିରି ପୋଷ୍ଟ ଅଫିସର ଟଙ୍କା, ଶହ ଶହ ଆକାଉଂଟରୁ ଟଙ୍କା ଗାୟବ, ଘେରିଲେ ଲୋକ

ହରିଚନ୍ଦନପୁର,୭ ।୭(ପି.ଏନ): କେନ୍ଦୁଝର ଜିଲ୍ଲା ଆଦିବାସୀ ବହୁଳ ହରିଚନ୍ଦନପୁର ବ୍ଲକ ବୁଢାଖମଣ ପଂଚାୟତ ସୋମଗିରି ପୋଷ୍ଟ ଅଫିସରେ ଶହ ଶହ ଆକାଉଂଟରୁ ଲକ୍ଷ ଲକ୍ଷ ଟଙ୍କା ଚଲୁ କରାଯାଇଥିବା ଅଭିଯୋଗ ହୋଇଛି ।ଖବର ମୁତାବକ, ସୋମଗିରି ଗ୍ରାମର ପୋଷ୍ଟ ମାଷ୍ଟର ପୂର୍ଣ୍ଣଚନ୍ଦ୍ର ପାତ୍ର ନିଜ ଘରେ ପୋଷ୍ଟ ଅଫିସ କରି କାର୍ଯ୍ୟ ଚଳାଇଥିଲେ । ଦୀର୍ଘ ବର୍ଷ ଧରି ଶହ ଶହ ଗରିବ ଲୋକଙ୍କ ଆକାଉଂଟରୁ ସେ ଲକ୍ଷାଧିକ ଟଙ୍କା ହଡ଼ପ କରିନେଇଥିବା ଅଭିଯୋଗ ହୋଇଛି । ଗ୍ରାମର ଅକ୍ଷୟ କୁମାର ମହାକୁଡ଼ଙ୍କ ଆକାଉଂଟରେ ୩୦ ହଜାର ରହିବା ବଦଳରେ ମାତ୍ର ୧୪ ଶହ ଟଙ୍କା ଆକାଉଂଟରେ ରହିଛି । ତାଙ୍କୁ ସନ୍ଦେହ ହେବାରୁ ସେ ନିଜ ଆକାଉଂଟକୁ ଜଙ୍ଘିରା ପୋଷ୍ଟ ଅଫିସରେ ଚେକ୍ କରିବା ପରେ ସଠିକ୍ ଖବର ଜାଣିବାକୁ ପାଇଥିଲେ । ଆକାଉଂଟରେ ଟଙ୍କା ନଥିବାରୁ ସେ ଯାଇ ପୋଷ୍ଟ ମାଷ୍ଟର ପୂର୍ଣ୍ଣଚନ୍ଦ୍ର ପାତ୍ରଙ୍କୁ ପଚାରିବାରୁ ଧମକ ମିଳିଥିବା ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ, ବୁଢାଖମଣ, ଜଙ୍ଘିରା, ହୁଣ୍ଡା, ପଂଚାୟତର ଶହ ଶହ ଲୋକଙ୍କ ଆକାଉଂଟରୁ ଟଙ୍କା ଗାଏବ ହୋଇଛି । ତାଙ୍କ ପାଖରୁ ଖବର ଜାଣିବା ପରେ ବାବୁଲା ମହାନ୍ତଙ୍କ ୨ ଲକ୍ଷ ୪୦ ହଜାରରୁ ୪୨ ହଜାର ଆକାଉଂଟରେ ଅଛି । ସେହିପରି ବିରଂଚି ବାରିକଙ୍କ - ସୁକନ୍ୟା ଯୋଜନାରେ ୪୦ ହଜାରରୁ ୧୫ ହଜାର ଅଛି, ଗିରିଧାରୀ ମହାନ୍ତଙ୍କ - ୧ ଲକ୍ଷ ୫୬ରୁ ୨୪ ହଜାର ଅଛି, ମଞ୍ଜୁଲତା ମହାନ୍ତଙ୍କ - ୫୬ ହଜାରରୁ ୧୨ ହଜାର, ରଶ୍ମିତା ମହାନ୍ତଙ୍କ - ୯୭ ହଜାର ରୁ ୬ ହଜାର, କେକିଳ ମହାନ୍ତଙ୍କ - ୭୦ ହଜାରରୁ ୭ ହଜାର, ତପନ ରାଉତଙ୍କ - ୨୨ହଜାରରୁ ପୁରା ଖାଲି, ଦିନବନ୍ଧୁ ମହାନ୍ତଙ୍କ - ୮୦ ହଜାର ରୁ ୮ ହଜାର ୯୬୦, ମିଲୁ ବାରିକଙ୍କ ୯୮ ହଜାର ୨୨୪ ରୁ ୫୦୦୦ ହଜାର, ସବିତା ମହାକୁଡ଼ଙ୍କ -୧ ଲକ୍ଷ ୧୦ ହଜାରରୁ ୨ ହଜାର, ବିସିକେଶନ ପଲେଇଙ୍କ ୧ ଲକ୍ଷରୁ ୯ ଶହ ଟଙ୍କା ଆକାଉଂଟରେ ରହିଥିବା ସୂଚନା ରହିଛି । ସେହିପରି ଶହ ଶହ ଆଦିବାସୀ ଲୋକଙ୍କ ଆକାଉଂଟ ଖାଲି ଥିବା ଅଭିଯୋଗ ହୋଇଥିବା ବେଳେ ଆଜି ପୋଷ୍ଟ ଅଫିସ କାର୍ଯ୍ୟାଳୟକୁ ଶହ ଶହ ଉପଭୋକ୍ତା ଘେରାଉ କରିଥିଲେ । ଅଧିକାଂଶ ଲୋକଙ୍କ ୨୦୧୮ ମସିହା ଠାରୁ ଆକାଉଂଟ ଖୋଲା ହୋଇଥିବା ସତ୍ତ୍ୱେ ସେମାନଙ୍କୁ ଆଜି ପର୍ଯ୍ୟନ୍ତ ପାସବହି ମିଳିନଥିବା କାରଣରୁ ସେମାନଙ୍କ ଆକାଉଂଟର ଅବସ୍ଥା କ'ଣ ରହିଥିବ ତାହା ସନ୍ଦେହଘେରରେ । ଏହାର ସଠିକ ତଦନ୍ତ କରାଗଲେ ଘଟଣାର ପ୍ରକୃତ ସତ୍ୟାସତ୍ୟ ଲୋକ ଲୋଚନକୁ ଆସିପାରିବ ବୋଲି ଜନସାଧାରଣରେ ମତ ପ୍ରକାଶ ପାଇଛି। ତେଣୁ ଏଥିପ୍ରତି ବିଭାଗୀୟ ଉଚ୍ଚ ପଦାଧିକାରୀ ଦୃଷ୍ଟି ଦେଇ ଯଥାଶୀଘ୍ର ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଇବାକୁ ପାଇଁ ଏ ଅଂଚଳର ବୁଦ୍ଧିଜୀବି ମହଲରେ ଦାବି ହୋଇଛି ।

## ବାହାନଗା ଟ୍ରେନ୍ ଦୁର୍ଘଟଣା: ୩ ଜଣଙ୍କୁ ବାନ୍ଧିଲା ସିବିଆଇ

ବାଲେଶ୍ୱର,୭ ।୭(ପି.ଏନ): ବାଲେଶ୍ୱର ଜିଲ୍ଲା ବାହାନଗା ଟ୍ରେନ୍ ଦୁର୍ଘଟଣା ମାମଲାରେ ଶୁକ୍ରବାର ୩ ଜଣଙ୍କୁ ଗିରଫ କରିଛି ସିବିଆଇ। ଗିରଫ ରେଳ କର୍ମଚାରୀମାନେ ହେଉଛନ୍ତି- ସିନିଅର ସେକ୍ସନ ଇଂଜିନିୟର ଅରୁଣ କୁମାର ମହାନ୍ତ, ସେକ୍ସନ ଇଂଜିନିୟର ମହମ୍ମଦ ଅମିର ଖାଁ ଓ ଟେକ୍ନିସିଆନ ପପୁ କୁମାର ।ଆଇପିସି ଧାରା ୩୦୪ ଏବଂ ୨୦୧ରେ ଏହି ୩ ଜଣଙ୍କୁ ଗିରଫ କରାଯାଇଛି। ଜାଣିକି ଅପରାଧ ଘଟାଇବା ଓ ପ୍ରମାଣ ଲୁଚାଇବା ଅଭିଯୋଗରେ ଏହି ତିନି ଜଣଙ୍କୁ ଗିରଫ କରାଯାଇଛି। ଗତ ଜୁନ୍ ୨ ତାରିଖରେ ଘଟିଥିବା ଏହି ଦୁର୍ଘଟଣାରେ ୨୯୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୦୦୦ରୁ ଅଧିକ ଲୋକ ଆହତ ହୋଇଥିଲେ। ୨୮୮ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ବାକି ୫ ଜଣଙ୍କ କଟକ ବଡ ଡାକ୍ତରଖାନାରେ ପ୍ରାଣ ହରାଇଥିଲେ ।ବାହାନଗା ଦୁର୍ଘଟଣା ପଛରେ କୌଣସି ଷଡଯନ୍ତ୍ର ଥିଲା କି ନାହିଁ ସେ ନେଇ ତଦନ୍ତ କରୁଥିଲା ସିବିଆଇ। ଅନ୍ୟପକ୍ଷରେ ରେଲୱେ ସୁରକ୍ଷା କମିଶନର (CRS) ମଧ୍ୟ ଘଟଣାର ତଦନ୍ତ କରୁଥିଲେ ।ଗତ ସପ୍ତାହରେ CRS ତାଙ୍କ ରିପୋର୍ଟ ଦେଇଥିଲେ। ସିଗ୍ନାଲିଂ ବିଭାଗର କର୍ମଚାରୀମାନଙ୍କୁ କମିଶନର ଏହି ଦୁର୍ଘଟଣା ପାଇଁ ଦାୟୀ କରିଥିଲେ। କୌଣସି ପ୍ରକାର ବୈଷୟିକ ତ୍ରୁଟି ବା ମେସିନ୍ ଖରାପ ଯୋଗୁ ଏହି ଦୁର୍ଘଟଣା ଘଟି ନଥିଲା ବୋଲି ଉଜଝ ରିପୋର୍ଟ ଦେଇଥିଲେ। ତେବେ ଏହା ପଛରେ କୌଣସି ଷଡଯନ୍ତ୍ର ଥିବା କଥାକୁ ଉଜଝ ଖଣ୍ଡନ କରିଥିଲେ। କିଛି କ୍ଷେତ୍ର କର୍ମଚାରୀଙ୍କ ଅବହେଳା ଯୋଗୁ ଏହି ଦୁର୍ଘଟଣା ଘଟିଥିବା ଉଜଝ କହିଥିଲେ। ସେମାନେ ସୁରକ୍ଷା ବ୍ୟବସ୍ଥାକୁ ଯେମିତି ଭାବେ ଯାଞ୍ଚ କରିବା କଥା, ସେମିତି କରି ନଥିଲେ ବୋଲି ଉଜଝ କହିଥିଲେ।










# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୂତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ଯେଉଁଠାରେ କରଣୀ ମାତା ମନ୍ଦିର ୨୦ହଜାର ମୂଷାଙ୍କୁ ସୈନିକ ରହିଛି । ଏହି ମନ୍ଦିର ସେଠାରେ ଥିବା ସଦୃଶ ନିୟୋଜିତ କରାଯାଇଥିଲା।

ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି ।

## ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ'। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ଼ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମା ଭଳି ଦେଶରେ ଶିଶୁମାନଙ୍କୁ ମା'ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଟ୍ସ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚାର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡା ଦେଶ ହେବାର ନିୟମ ରହିଥାଏ ।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୩, ଜୁଲାଇ ୮

# ବିଶ୍ୱ ପାଇଁ ବିପଦ

ଭୂପୃଷ୍ଠରେ ଜୀବଜଗତର ଅନ୍ତ ଘଟିବାର ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ପରିବର୍ତ୍ତୀତ ପାଣିପାଗ ଓ ଜଳବାୟୁ ଏହାର କାରଣ । ଏହି କାରଣରୁ ସ୍ତନ୍ୟପାୟୀ ୭୭ଟି ପ୍ରଜାତି, ୧୪୦ ପ୍ରକାରର ପକ୍ଷୀ ଓ ୨୪ ପ୍ରକାରର ଉଭୟଚର ପ୍ରାଣୀ ବିଲୁପ୍ତ ହୋଇ ସାରିଲେଣି। ପ୍ରତିବର୍ଷ ପାଖାପାଖି ୫୦ ପ୍ରଜାତିର ଜୀବଜନ୍ତୁ ବିଲୁପ୍ତି ପଥରେ । ଏଭଳି ତଥ୍ୟ ପ୍ରକାଶ କରିଛନ୍ତି ଆମେରିକାର ୩ଟି ବିଶ୍ୱବିଦ୍ୟାଳୟ । ଏହି ୩ଟି ବିଶ୍ୱବିଦ୍ୟାଳୟ ପକ୍ଷରୁ କରାଯାଇଥିବା ଗବେଷଣାରୁ ଜଣାପଡିଛି ଯେ, ମାନବ ଜାତି ପାଇଁ ବିପଦ ମାଡି ଆସୁଛି । ମାନବ ଜାତି ବିଲୁପ୍ତ ହେବାର ଷଷ୍ଠ ପର୍ଯ୍ୟାୟରେ ପହଂଚିଛି । ସାଢେ ୬କୋଟି ବର୍ଷ ପୂର୍ବେ ବିଭିନ୍ନ ପ୍ରଜାତିର ଜୀବଜନ୍ତୁ ବିଲୁପ୍ତ ହେବାର ପ୍ରକ୍ରିୟା ଦେଖାଦେଇଥିଲା। ସେତେବେଳେ ଡାଇନୋସର ଭୂପୃଷ୍ଠରୁ ବିଲୋପ ପାଇଥିଲା । ଏବେ ସେଇ ବିପଦ ମାନବ ଜାତି ଉପରେ ପଡିଛି । ବିଶ୍ୱର ସବୁ ଦେଶର ଲୋକେ ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ପ୍ରଭାବିତ । ତୋଫାନ, ବନ୍ୟା, ବାତ୍ୟା, ମରୁଡି ତଥା ଭୂକମ୍ପ ଭଳି ଘଟଣା ଅଧିକ ଭାବେ ଘଟିବାରେ ଲାଗିଛି । ଗ୍ରୀଷ୍ମ ଅନୁଭୁତ ଅଂଚଳରେ ଅଧିକ ଗ୍ରୀଷ୍ମୋତାପ ଅନୁଭୁତ ହେଉଥିବା ବେଳେ ଥଣ୍ଡା ଅଂଚଳରେ ଅଧିକ ଥଣ୍ଡା ଅନୁଭୁତ ହେଉଛି । ମାନବ ପ୍ରକୃତିର ସନ୍ତୁଳନକୁ ବିଗାଡି ଦେଇଛି । ପ୍ରକୃତିକୁ ମନଇଚ୍ଛା ଦୋହନ କରିବା ଓ ଜଙ୍ଗଲ ସଂପଦ ସରିଯିବା ଏବେ ମାନବ ଜାତି ପାଇଁ କାଳ ହୋଇଛି । ଏବେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ଯେ ସୁସ୍ଥ ଜୀବନ ପାଇଁ ଆବଶ୍ୟକ ଶୁଦ୍ଧ ପବନ, ଜଳ ଏବଂ ଖାଦ୍ୟ ମିଳିବା ସ୍ୱପ୍ନ ପାଲଟିଛି । ବିଜ୍ଞାନ ଏବଂ ବୈଷୟିକ ଜ୍ଞାନ କୌଶଳ ପାଇଁ ପ୍ରଣୟନ କରାଯାଉଥିବା ନିୟମ କାରଣରୁ ଜଳ, ସ୍ଥଳ ଓ ଆକାଶ ତ୍ରିଭୁବନ ବିଷାକ୍ତ ହୋଇଗଲାଣି । ବିଗତ ୪୦ରୁ ୫୦ ବର୍ଷ ମଧ୍ୟରେ ଅନେକ ପ୍ରଜାତିର ଜୀବଜନ୍ତୁ ଏହି କାରଣ ପାଇଁ ବିଲୁପ୍ତ ହୋଇଯାଇଛନ୍ତି । ପରିବେଷର ସନ୍ତୁଳନ ବିଗିଡିଯାଉଥିବା କାରଣରୁ ଅନେକ ବିପଦପୁର୍ଣ୍ଣ ଘଟଣା ଘଟୁଛି । ବିଶ୍ୱରେ ପ୍ରତିବର୍ଷ ୬୦ଲକ୍ଷ ହେକ୍ଟର ଚାଷଯୋଗ୍ୟ ଜମିରେ ଚାଷ ନହୋଇ ପାରିବା କାରଣରୁ ମରୁଭୁମିରେ ପରିଣତ ହେଉଛି । ବିଶ୍ୱରେ ପ୍ରତିବର୍ଷ ୧୧୦ଲକ୍ଷରୁ ଅଧିକ ହେକ୍ଟର ଜଙ୍ଗଲ ନଷ୍ଟ ହେଉଛି ଯାହା ୩୦ବର୍ଷରେ ଭାରତ ଭଳି ଦେଶର କ୍ଷେତ୍ରଫଳ ସହ ସମାନ ହେବ । ଯେଉଁ ଜମି ସୁଫଳା ଥିଲା ଏବେ ସେ ଜମିରୁ ଅଧିକ ଅମଳ ହୋଇପାରୁନାହିଁ । ବିକାଶ ନାମରେ ପ୍ରକୃତିର ଦୋହନ ଏବଂ ଜଙ୍ଗଲର ଅବକ୍ଷୟକୁ ରୋକାନଗଲେ ମହାବିନାଶ ନିଶ୍ଚିତ ବୋଲି ଆମେରିକୀୟ ବିଶ୍ୱବିଦ୍ୟାଳୟ ଗୁଡିକ ପକ୍ଷରୁ କୁହାଯାଇଛି । ବିଶ୍ୱବିଦ୍ୟାଳୟ ଗୁଡିକ ଗବେଷଣା ପରେ ଯେଉଁ ତଥ୍ୟ ପ୍ରକାଶ କରିଛନ୍ତି ତଦନୁସାରେ ଜୈବମଣ୍ଡଳ ଉପରେ ମନୁଷ୍ୟର ଅନବରତ ଏକତରଫା ଅନିୟନ୍ତ୍ରିତ ପ୍ରଭାବରୁ ମାନବ ସଭ୍ୟତା ବିଲୋପ ହେବାକୁ ଯାଉଛି । ଭୂପୃଷ୍ଠରେ କେତେବେଳେ କେଉଁ ପରିବର୍ତ୍ତନ ଘଟିବ ସେକଥା କହିବା ମଧ୍ୟ ମୁସ୍କିଲ । ଏବେ ଧିରେ ଧିରେ ସ୍ୱଷ୍ଟ ହୋଇଗଲାଣି ଯେ ମଣିଷ ଦ୍ୱାରା ଭୌତିକ ବସ୍ତୁର ନିୟୋଜିତ ଉତ୍ପାଦନ


ଗୋପାଳ ମହାପାତ୍ର

ଜୈବମଣ୍ଡଳ ଉପରେ ପ୍ରଭାବ ପକାଉଛି ଯାହା ବିପଦ ସୃଷ୍ଟି କରୁଛି ଓ କରିବ । ଗତ ଶତାବ୍ଦିର ଶେଷ ଓ ଚଳିତ ଶତାବ୍ଦିର ପ୍ରଥମ ଦଶନ୍ଧିରେ ବିଶ୍ୱରେ ଅଗମ୍ୟ ଅଂଚଳରେ ବସତି ସ୍ଥାପନ, ବିଷାକ୍ତ ଦ୍ରବ୍ୟର ବ୍ୟାପକ ଉପଯୋଗ ତଥା ପ୍ରକୃତିର ନିର୍ମମ ଶୋଷଣ କାରଣରୁ ଜିବ ଜଗତର ବିଲୁପ୍ତି ପ୍ରକ୍ରିୟା ବୃଦ୍ଧି ପାଇଛି । ବିଗତ ୨ହଜାର ବର୍ଷ ମଧ୍ୟରେ ଯେତେ ସବୁ ପ୍ରଜାତି ବିଲୁପ୍ତ ହୋଇଛନ୍ତି ସେଥି ମଧ୍ୟରୁ ଅର୍ଦ୍ଧାଧିକ ପ୍ରଜାତି ୧୯୦୦ ମସିହା ପରେ ବିଲୁପ୍ତ ହୋଇଛନ୍ତି । ଗତ ୩୫୦ ବର୍ଷ ମଧ୍ୟରେ ପ୍ରତି ୧୦ବର୍ଷରେ ଗୋଟିଏ ଲେଖାଁଏ ପ୍ରଜାତି ବିଲୁପ୍ତ ହୋଇଛନ୍ତି ।

ପ୍ରକୃତି ଏବଂ ପ୍ରାକୃତିକ ସମ୍ପଦ ସମ୍ପର୍କରେ ଗବେଷଣା କରୁଥିବା ଏକ ଆନ୍ତର୍ଜାତିକ ସଂସ୍ଥା ପକ୍ଷରୁ କୁହାଯାଇଛି ଯେ, ପ୍ରତି ଦୁଇବର୍ଷରେ ଗୋଟିଏ ଜାତି ଅଥବା ଉପଜାତିର ଜୀବଙ୍କର ବିଲୁପ୍ତି ଘଟୁଛି । ସେମାନଙ୍କର ମତରେ ଯଦି ଗୋଟିଏ ପ୍ରକାରର ବୃକ୍ଷର ବିଲୋପ ଘଟେ ତେବେ ତାର ପ୍ରଭାବ ୧୦ରୁ ୩୦ ପ୍ରଜାତିର କୀଟ ପତଙ୍ଗ ଓ ବୃକ୍ଷ ପ୍ରଜାତି ଉପରେ ପଡେ । ଯଦି ପ୍ରାକୃତିକ ସମ୍ପଦର ଦୋହନ ଓ ଜଙ୍ଗଲ ଅବକ୍ଷୟ ଏହିଭଳି ଜାରି ରହେ ତେବେ ଆଗାମୀ କିଛି ଦଶନ୍ଧି ମଧ୍ୟରେ ଜୈବମଣ୍ଡଳର ସମ୍ପୁର୍ଣ୍ଣ ପରିବର୍ତ୍ତନ ଘଟିବ । ଏଭଳି ବିପଦ ଦୃଷ୍ଟିରୁ ସଠିକ୍ ପଦକ୍ଷେପ ନେବା ଜରୁରୀ । ଏହାର ଅର୍ଥ ନୁହେଁ ଯେ, ଶିଳ୍ପ ବିକାଶକୁ ସଂପୂର୍ଣ୍ଣ ବନ୍ଦ କରି ଦିଆଯିବ, ବରଂ ଏହି ବିକାଶର ଢାଂଚାକୁ ପରିବର୍ତ୍ତନ ତଥା ସୁନିୟୋଜିତ କରାଯିବା ଜରୁରୀ । ବ୍ୟବସ୍ଥା ଏପରି ହେବା ଉଚିତ୍ ଯେପରି ଶିଳ୍ପ ବିକାଶ ସହ ପରିବେଷର ସନ୍ତୁଳନ ରକ୍ଷା ହୋଇପାରିବ । ବିଜ୍ଞାନ ଏବଂ ବୈଷୟିକ ଜ୍ଞାନ କୌଶଳ ମଣିଷର ପ୍ରକୃତିକୁ ନିୟନ୍ତ୍ରଣ କରିପାରୁଛି । ଅବସ୍ଥା ଏପରି ହେଲାଣି ଯେ ବୈଜ୍ଞାନିକ ଏବଂ ବୈଷୟିକ କାର୍ଯ୍ୟକଳାପ ମହାକାଶ ପର୍ଯ୍ୟନ୍ତ ବ୍ୟାପି ଗଲାଣି । କିନ୍ତୁ ଏହାର ଉପଯୋଗ ମଧ୍ୟ ସଠିକ୍ ହେବା ଉଚିତ୍ ଅନ୍ୟଥା ଏହାର ପରିଣାମ ହାନୀକାରକ ହେବ । ଆମେ ଜୈବମଣ୍ଡଳରେ ହେଉଥିବା ପରିବର୍ତ୍ତନକୁ ଅଣଦେଖା କରିପାରିବା ନାହିଁ । ଏଣୁ ମୌଳିକ ପ୍ରାକୃତିକ ପରିବେଷକୁ ମଣିଷର ଆବଶ୍ୟକତା ଅନୁସାରେ ରୁପାନ୍ତରିତ କରାଯାଇ ପାରିଲେ ପ୍ରାକୃତିକ ବିପର୍ଯ୍ୟୟ ହ୍ରାସ ପାଇପାରିବ ଓ ଏହା କରାଯିବା ଏକ ଆବାଶ୍ୟକତା । ଏହା ହୋଇପାରିଲେ ଜୈବମଣ୍ଡଳର ସୁରକ୍ଷା ସହ ଜୀବଜଗତର ସୁରକ୍ଷା ହୋଇପାରିବ ।

*ରାମଚନ୍ଦ୍ରପୁର, ରଣପୁର*
*ଦୂରଭାଷ - ୯୪୩୮୪୮୫୦୯୪*

# ନମଃ ସହସ୍ରଶିରସେ ସହସ୍ର ଚରଣାୟ ଚ...

ଶ୍ରୀମଦ ଭାଗବତ ଗୀତାରେ ଭକ୍ତ ଅର୍ଜ୍ଜୁନଙ୍କୁ ଭଗବାନଙ୍କର ବିରାଟ ରୂପ ଦେଖାଇଲା ଭଳି, ଭକ୍ତ ବିଦ୍ୟାପତି ମଧ୍ୟ ନୀଳମାଧବ ତଥା ଜଗନ୍ନାଥ ମହାପ୍ରଭୁଙ୍କ ବିରାଟ ରୂପକକୁ ସ୍ତୁତି କରୁଛନ୍ତି – ‘ପ୍ରଧାନପୁରୁଷାତୀତ ସର୍ବବ୍ୟାପିନ୍ ପରାତ୍ପର। ଚରାଚରପରିଣାମ ପରମାର୍ଥ ନମୋସ୍ତୁତେ।। ନମସ୍ତେ ଦେବଦେବାୟ ତ୍ରୟୀରୂପାୟ ତେ ନମଃ। ଚନ୍ଦ୍ର ସୂର୍ଯ୍ୟାଦିରୂପେଣ ଜଗତ ଭାସୟତେ ସଦା।। ବହୁପା ଦାଶୀର୍ଷାସ୍ୟ ବାହବେ ସର୍ବଜିଷ୍ଣବେ। ସର୍ବଜୀବସ୍ୱରୂପାୟ ନମସ୍ତେ ସର୍ବରୂପିଣେ।। ନମସ୍ତେ କମଳାକାନ୍ତ ନମସ୍ତେ କମଳାନନେ। ନମଃ କମଳ ପ୍ରତ୍ରାକ୍ଷ ତ୍ରାହି ମାଂ ପୁରୁଷୋତ୍ତମ।।’ ଅର୍ଥାତ୍ ବିଦ୍ୟାପତି ସ୍ତୁତି କହୁଛନ୍ତି – ହେ ସର୍ବବ୍ୟାପି ! ହେ ପରାତ୍ପର ! ଆପଣ ପ୍ରକୃତ ପୁରୁଷର ଅତୀତ, ଚରାଚର ଜଗତର ପରମବସ୍ତୁ। ଆପଣଙ୍କୁ ନମସ୍କାର। ହେ ପ୍ରଭୁ ! ବେଦ-ତ୍ରୟ ଆପଣଙ୍କ ରୂପ। ଆପଣ ଦେବତା ମାନଙ୍କର ମଧ୍ୟ ଦେବତା। ଚନ୍ଦ୍ର ସୂର୍ଯ୍ୟାଦି ଜ୍ୟୋତିସ୍କ ରୂପରେ ସର୍ବଦା ଆବଣ ଜଗତକୁ ଆଲୋକିତ କରନ୍ତି। ମୁଁ ଆପଣଙ୍କୁ ନମସ୍କାର କରୁଛି। ଆପଣ ବହୁପାଦ, ବହୁ ମସ୍ତକ, ବହୁମୁଖ, ବହୁବାହୁ ଓ ସର୍ବବିଜୟୀ। ଆପଣ ସମସ୍ତଙ୍କର ଜୀବନ ସ୍ୱରୂପ। ଅଧିକନ୍ତୁ ଆପଣ ସର୍ବରୂପୀ। ଆପଣଙ୍କୁ ନମସ୍କାର କରୁଛି। ହେ କମଳାକାନ୍ତ ! ହେ ପଦ୍ମପଳାସଲୋଚନ ! ହେ ପୁରୁଷୋତ୍ତମ ! ଆପଣଙ୍କୁ ପୁନଃ ପୁନଃ ପ୍ରଣାମ କରୁଛି। ମୋତେ ଆପଣ ରକ୍ଷା କରନ୍ତୁ। ପବନ ନନ୍ଦନ ହନୁମାନ ମଧ୍ୟ ଭଗବାନ ରାମଙ୍କ ବିରାଟ ରୂପକୁ ସ୍ତୁତି କରି କହୁଛନ୍ତି – ‘ନମଃ ସହସ୍ରଶିରସେ ସହସ୍ର ଚରଣାୟ ଚ। ସହସ୍ରାକ୍ଷାୟ ଶୁଦ୍ଧାୟ ରାଘବାୟ ଚ ବିଷ୍ଣବେ।।’ ଅର୍ଥାତ୍ ହନୁମାନ କହୁଛନ୍ତି – ଆପଣଙ୍କର ସହସ୍ର ମସ୍ତକ, ସହସ୍ର ଚରଣ ଓ ସହସ୍ର ନେତ୍ର। ଆପଣ ବିଶୁଦ୍ଧ


ଡାକ୍ତର ଦିଲ୍ଲୀପ କୁମାର ମହାରଣା

ବିଷ୍ଣୁ ସ୍ୱରୂପ। ହେ ରାଘବେନ୍ଦ୍ର ଆପଣଙ୍କୁ ନମସ୍କାର କରୁଛି। ସନ୍ଥ ତୁଳସୀ ଦାସ ମଧ୍ୟ ଭଗବାନ ରାମଙ୍କ ବିରାଟ ରୂପ ବର୍ଣ୍ଣନା କରି ଲେଖିଛନ୍ତି – ‘ଉଦର ମାଝ ସୁନୁ ଅଣ୍ଡଜ ରାୟା। ଦେଖେଉଁ ବହୁ ବ୍ରହ୍ମାଣ୍ଡ ନିକାୟା।। ଅତି ବିଚିତ୍ର ତହଁ ଲୋକ ଅନେକା। ରଚନା ଅଧିକ ଏକ ତେ ଏକା।। କୋଟିନ ହି ଚତୁରାନନ ଗୌରୀସା। ଅଗନିତ ଉଡୁଗନ ରବିରଜନୀସା।। ଅଗନିତ ଲୋକପାଲ ଜମ କାଲା। ଅଗନିତ ଭୁଧର ଭୂମି ବିସାଲା।। ସାଗର ପରିସର ସରିସର ବିପିନ ଅପାରା। ନାନା ଭାଁତି ସୃଷ୍ଟି ବିସ୍ତାରା।।’

କାକଭୁଷୁଣ୍ଡି ଖଗପତି ଗରୁଡ଼ଙ୍କୁ ଭଗବାନ ରାମଙ୍କ ସମ୍ପର୍କରେ କହୁଛନ୍ତି ତାଙ୍କ ଉଦର ମଧ୍ୟରେ ବହୁତ ପ୍ରକାର ବ୍ରହ୍ମାଣ୍ଡ ଦେଖିଲି, ଯାହାର ନିର୍ମାଣ କୌଶଳ ଏକରୁ ଏକବଳୀ ବିଚିତ୍ର। କୋଟି କୋଟି ବ୍ରହ୍ମା, ଶିବ, ସୂର୍ଯ୍ୟ, ଚନ୍ଦ୍ର, ତାରାଗଣ, ଲୋକପାଳ ଇତ୍ୟାଦି ଇତ୍ୟାଦି ଦେଖିଲି। ଉପରୋକ୍ତ ଉଦାହରଣରୁ ସ୍ୱଷ୍ଟ ସୂଚନା ମିଳୁଛି ଯେ ଭଗବାନ ରାମ ଓ ଜଗନ୍ନାଥ ମହାପ୍ରଭୁ ଉଭୟଙ୍କ ବିରାଟତ୍ୱ ପ୍ରତିପାଦିତ ହୋଇଛି ଉଭୟଙ୍କ ପରମ ପରାପୁର ପରମ ବ୍ରହ୍ମ ସଚ୍ଚିଦାନନ୍ଦ ସ୍ୱରୂପ।

*ଶିଖରପୁର ଉପରସାହି, କଟକ,*
*ଦୂରଭାଷ : ୮୨୮୦୯୬୩୨୮୩*

# ଆଧ୍ୟାତ୍ମିକ ବିଶ୍ୱ ଓ ମାନବୀୟ ମୂଲ୍ୟବୋଧ

ବିଶ୍ୱ ସମସ୍ୟା ବର୍ତ୍ତମାନ ଅଦ୍ଭୁତ ଆକାର ଏବଂ ବିରାଟ ଅବସ୍ଥା ଧାରଣ କରୁଛି। ସେଗୁଡ଼ିକ ଆଉ ବ୍ୟକ୍ତିଗତ ଅଥବା ସ୍ଥାନୀୟ ନୁହେଁ। ସେ ସବୁ ବିଶ୍ୱ ଜନୀନ ଏବଂ ସମସ୍ତ ମାନବଜାତିକୁ ଆକ୍ରାନ୍ତ କରୁଛି। ଗୋଟିଏ ଦିଗରେ ବିଶ୍ୱ ସମୃଦ୍ଧି ସହିତ ବିଜ୍ଞାନ ଓ ଯାନ୍ତ୍ରିକତାର ଅଗ୍ରଗତି ଘଟୁଛି। ପ୍ଲାଷ୍ଟିକ, ଇଲେକଟ୍ରୋନିକ ଏବଂ କମ୍ପ୍ୟୁଟର ଯାନ୍ତ୍ରିକତା ମାଧ୍ୟମରେ ଏହି ଚମତ୍କାରିତା ମହତ୍ତର ଶୀର୍ଷରେ ଉପନୀତ ହୋଇଛି। ଅନ୍ୟ ଦିଗରେ ବାରମ୍ବାର ଘଟୁଥିବା ରାଜନୈତିକ ଓ ଅର୍ଥନୈତିକ ସଂକଟ, ରାଷ୍ଟ୍ରୀୟ, ରାଜ୍ୟସ୍ତରୀୟ, ଧାର୍ମିକ, ଜାତିଗତ ଏବଂ ବର୍ଣ୍ଣ ବିଦ୍ୱେଷ, ସଂକୀର୍ଣ୍ଣ ବିଶ୍ୱସ୍ତତା ଏବଂ ଶିକ୍ଷାୟତନରେ ଅଶାନ୍ତି ବିସ୍ଫୋରଣ ଦ୍ୱାରା ମାନବଜାତି ଉତ୍ପୀଡ଼ିତ। ଏସବୁ ସମଗ୍ର ବିଶ୍ୱରେ ଅଶାନ୍ତି ଏବଂ ଉଚ୍ଛୃଙ୍ଖଳତା ପରିବ୍ୟାପ୍ତ କରିଛି।

ଏହା ଏକ ଭାରସାମ୍ୟହୀନ ଏବଂ ପରସ୍ପର ବିରୋଧୀ ଅବସ୍ଥା। ଏହାର ପ୍ରକୃତ କାରଣ କ'ଣ ? ଧର୍ମ ଏବଂ ନୈତିକତା ପୁଷ୍ଟ କରିଥିବା ମଣିଷ ମନର ଭୟଙ୍କର ଅଧଃପତନରେ ଏହାର କାରଣ ନିହିତ ଅଛି କି ? ଜ୍ଞାନ ଏବଂ ଶାନ୍ତି ଲାଭ ପାଇଁ ଅବଶ୍ୟ ମାନବଜାତି ଅନେକ ଉପାୟ ଓ ପଦ୍ଧତି ଅବଲମ୍ବନ କରିପାରେ। ବେଦ, ଶାସ୍ତ୍ର, ବ୍ରହ୍ମସୂତ୍ର, ବାଇବେଲ, କୋରାନ, ଜେନ୍ଦ ଅଭେସ୍ତା, ଗ୍ରନ୍ଥ ସାହେବ ଏବଂ ସହସ୍ର ସମସ୍ତ ପବିତ୍ର ଗ୍ରନ୍ଥରୁ ଅମୂଲ୍ୟ ଦିଗଦର୍ଶନ ଲାଭ କରିପାରେ। ଭାରତରେ ଆଶ୍ରମ, ଧର୍ମ ସଂପ୍ରଦାୟର ମୁଖ୍ୟ, ଆଧ୍ୟାତ୍ମିକ ସୂତ୍ର ଓ ଶୃଙ୍ଖଳାର ପ୍ରବକ୍ତା, ଜ୍ଞାନୀ ଏବଂ ସମ୍ମାନନୀୟ ବୟୋବୃଦ୍ଧଙ୍କର ଅଭାବ ନାହିଁ। ସେମାନେ ମଧ୍ୟ ବହୁସଂଖ୍ୟାରେ ପ୍ରଚାର କରୁଛନ୍ତି, ଏବଂ ପ୍ରକାଶ କରୁଛନ୍ତି ତଥାପି ଜୀବନର ନୈତିକ, ଆଧ୍ୟାତ୍ମିକ ଏବଂ ଧାର୍ମିକ କ୍ଷେତ୍ରରେ ମଣିଷ ମନ ନିରନ୍ତର ନିମ୍ନଗାମୀ ହେଉଛି। ଏହି ଅଧଃପତନ କାହିଁକି ? ପୂର୍ବ ଅପେକ୍ଷା ମଣିଷ ଅଧିକ ଅନାଚାରୀ ହୋଇଛି। ପୂର୍ବ ଯୁଗମାନଙ୍କ ଅପେକ୍ଷା ନିଷ୍ଠୁର ଆଚରଣରେ ସେ ନିଜର ବୁଦ୍ଧି ଓ ଦକ୍ଷତା ଅଧିକ ପରିମାଣରେ ନିୟୋଗ କରୁଛି। ଅନ୍ୟ ମାନଙ୍କୁ ଯନ୍ତ୍ରଣା ଦେବା ଦ୍ୱାରା ମଣିଷ ଏପରି ଆନନ୍ଦ ଲାଭ କରୁଛି ଏବଂ ଉଲ୍ଲସିତ ହେଉଛି ସେ ଗତ ୫୫୦୦ ବର୍ଷ ମଧ୍ୟରେ ୧୫୦୦ ଯୁଦ୍ଧ ହୋଇଛି ବୋଲି ଇତିହାସରୁ ପ୍ରମାଣ ମିଳୁଛି। ଏହି ଭୟଙ୍କର ଖେଳ ଯେ ବନ୍ଦ ହେବ ଏଯାଏ ଏପରି କୌଣସି ସଂକେତ ମିଳୁନାହିଁ। ଆସନ୍ନ ପରମାଣୁ ଯୁଦ୍ଧ ସମଗ୍ର ମାନବ ଜାତିକୁ ଧ୍ୱଂସ କରିବା ପାଇଁ ଭୟ ସଂଚାର କରୁଛି। ଏସବୁ ଉଦବେଗ ଓ ଆଶଙ୍କାର ପ୍ରକୃତ କାରଣ କଣ ? ଏହା ସୁସ୍ପଷ୍ଟ ଯେ ମଣିଷ ମଧ୍ୟରେ ପଶୁର ପ୍ରାଧାନ୍ୟ ତଥାପି ରହିଛି। ଏହା ଅଦ୍ୟାବଧି ପରାଭୂତ ହୋଇନାହିଁ। ଯଦି ହୁଏ ତାହେଲେ ଆମେ ଶାନ୍ତି ଓ ଆନନ୍ଦ ଲାଭ କରିବା। ଆମର ରାଷ୍ଟ୍ର ଏବଂ ବିଶ୍ୱରେ ମଧ୍ୟ ଶାନ୍ତି ଓ ଆନନ୍ଦ ବିରାଜମାନ କରିବ। ଘୃଣା, ଈର୍ଷା, ଲୋଭ, ଆଡ଼ମ୍ବର ପ୍ରଦର୍ଶନ ଏବଂ ଅନ୍ୟ ମାନଙ୍କ ସହିତ ତୁଳନା ଓ ପ୍ରତିଯୋଗିତା ପାଇଁ ଅଭିଳାଷା, ଏସବୁ ମନ୍ଦ ବୃତ୍ତିର ମୂଳୋତ୍ପାଟନ କରିବାକୁ ହେବ। ଏହି ଦୁର୍ଗୁଣଗୁଡ଼ିକ କେବଳ ସାଧାରଣ ମଣିଷକୁ ବିଷାକ୍ତ କରୁନାହିଁ, ଋଷି ମୁନି, ଧର୍ମ ଅନୁଷ୍ଠାନର ମୁଖ୍ୟ ଏବଂ ପଣ୍ଡିତ ମାନଙ୍କୁ ବିଷାୟିତ କରୁଛି। ଏସବୁ ମଧ୍ୟରୁ ଘୃଣା ଏବଂ ଲୋଭର ପ୍ରାଦୁର୍ଭାବ ବୃଦ୍ଧି ପାଇଛି। ଆଦର୍ଶର ଆଧାର ରୂପେ ନିଜେ ପରିଚିତ କରାଉଥିବା ଏହି ମହାପୁରୁଷ ଏବଂ ଭବିଷ୍ୟତ ଦ୍ରଷ୍ଟାମାନେ ଯଦି ଏପରି ନୀଚ


ନିରୂପମା ଭୂୟାଁ

ଗୁଣାବଳୀ ପ୍ରଦର୍ଶିତ କରନ୍ତି ସେମାନେ ବିଶ୍ୱକୁ ସଜାଡ଼ି ପାରିବେ କିପରି ? ସେମାନେ କେବଳ ଦୁଷୀକରଣ ବୃଦ୍ଧି କରିପାରିବେ। ଆଜିର ପୃଥିବୀ ନୂତନ ନିୟମ, ନୂତନ ଶିକ୍ଷା ପଦ୍ଧତି, ନୂତନ ସମାଜ ଅଥବା ନୂତନ ଧର୍ମ ଆବଶ୍ୟକ କରୁନାହିଁ। ମନ ପାଇଁ ଆରୋଗ୍ୟ ଆବଶ୍ୟକ, ହୃଦୟ ପବିତ୍ରତାରେ ପୂର୍ଣ୍ଣ ହେବା ଆବଶ୍ୟକ। ପବିତ୍ରତା ଅଙ୍କୁରିତ ହେବା ଉଚିତ। ବାଳକ, ବାଳିକା, ଶିଶୁ ଓ ଯୁବକମାନଙ୍କ ହୃଦୟରେ ସର୍ବତ୍ର ଚେର ମାଡ଼ିବା ଉଚିତ। ଉତ୍ତମ ଏବଂ ଭଗବତ ପୁରୁଷମାନେ ଏହି କର୍ତ୍ତବ୍ୟ ସଂପାଦନ ପାଇଁ ଉଦ୍ୟମ କରିବା ଉଚିତ। ସେମାନେ ଏହାକୁ ମହାନ ସାଧନା ମନେ କରିବା ଉଚିତ।

ଏହି କ୍ଷେତ୍ରରେ କେବଳ ବ୍ରହ୍ମବିଦ୍ୟା ମାଧ୍ୟମରେ ସାର୍ଥକତା ଲାଭ ହୋଇପାରିବ। ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ଆଜିର ମଣିଷ କେବଳ ସଂପଦ ସଂଗ୍ରହ ଓ ସଂଚୟ ସମ୍ପର୍କରେ ଗଭୀର ଆସ୍ଥାବାନ। ସେ ଜମା ପରିତ୍ୟାଗ ଅଥବା ତ୍ୟାଗ କରି ଜାଣେ ନାହିଁ। ସତ୍ୟ ଉପରେ ତାର ଆସ୍ଥା ନାହିଁ। ମିଥ୍ୟାଦ୍ୱାରା ସେ ଆକର୍ଷିତ ହୋଇଥାଏ, ସତ୍ୟକୁ ସେ ପ୍ରତିବନ୍ଧକ ମନେକରେ। ତେଣୁ ମୃତ୍ୟୁ ଯେ ଗୌରବମୟ ଜୀବନର ସମୃଦ୍ଧ ପରିପୂର୍ଣ୍ଣତା, ଏହା ଉପଲବ୍ଧି କରିବା ପାଇଁ ସେ ଅକ୍ଷମ। ଉଦବେଗ ଏବଂ ଅଭାବରେ ସେ ମୃତ୍ୟୁବରଣ କରେ। ଲୋକମାନେ ଶୁଆ ପରି ସତ୍ୟ, ଅହିଂସା, ଧର୍ମ ଏବଂ ପ୍ରେମ ଶବ୍ଦ ଗୁଡ଼ିକ ନିରନ୍ତର ଉଚ୍ଚାରଣ କରନ୍ତି। ସେମାନେ ଘୋଷଣା କରନ୍ତି ଯେ ସତ୍ୟଠାରୁ ଉଚ୍ଚତର ଧର୍ମ ନାହିଁ। ମାତ୍ର ଆଶ୍ଚର୍ଯ୍ୟର କଥା ସତ୍ୟର ଅଧିକାରୀ ହେବା ପାଇଁ ମଣିଷ ଅଭିଳାଷ ପୋଷଣ କରେନାହିଁ। ମଣିଷ ସବୁ ବିଷୟ ଜାଣିବା ପାଇଁ ଆଗ୍ରହୀ। ମାତ୍ର ସତ୍ୟ ଉପଲବ୍ଧି ପାଇଁ ତାର ଆଗ୍ରହ ନାହିଁ। ପୁଣି ନିଜ ସତ୍ତାର ସତ୍ୟ ଉପଲବ୍ଧି ନିମନ୍ତେ ତାର ତିଳେମାତ୍ର ଅଭିଳାଷ ନାହିଁ। ସେ ଦିଗକୁ ସେ ଦୃଷ୍ଟି ଦିଏନାହିଁ। ଦୃଷ୍ଟ ହେଲେ ମଧ୍ୟ ସେ ନିଜର ଆଶଙ୍କା ଓ ଅନ୍ଧବିଶ୍ୱାସଗୁଡ଼ିକର ସତ୍ୟତା ପ୍ରତିପାଦିତ କରିଥାଏ। ତେଣୁ ମଣିଷର ପ୍ରଥମ କର୍ତ୍ତବ୍ୟ ହେଉଛି ନିଜର ଦୁର୍ବଳତା ଓ ଅନ୍ୟର ଅନିଷ୍ଟ କରିବା ମନୋବୃତ୍ତିକୁ ପରିହାର କରିବା।

ପ୍ରାରମ୍ଭ ଅଥବା ପରିଶେଷରେ ଯାହା ପରିଦୃଷ୍ଟ ହୁଏନାହିଁ; କେବଳ ମଧ୍ୟାନ୍ତରରେ ଯାହା ପ୍ରକଟିତ ହୋଇଥାଏ ତାହା ପ୍ରକୃତରେ ପ୍ରକୃତ ହୋଇନପାରେ। ଏହା ସତ୍ୟ ନୁହେଁ ମିଥ୍ୟା। ସୃଷ୍ଟି ପୂର୍ବରୁ ବ୍ରହ୍ମାଣ୍ଡ ନଥିଲା, ପରେ ଅର୍ଥାତ୍ ପ୍ରଳୟ ପରେ ମଧ୍ୟ ରହିବ ନାହିଁ। ମଝିରେ ଯାହା ପରିଦୃଷ୍ଟ ହେଉଛି ତାହା କେବଳ ଆପାତ ସତ୍ୟ ହୋଇପାରେ। ଏହା ସାମୟିକ ଏବଂ ସୀମିତ। ଅପରିବର୍ତ୍ତନୀୟ ହୋଇପାରିବ ନାହିଁ। ଏହିସବୁ ମାର୍ଗରେ ମଣିଷକୁ ବିଶ୍ୱର ପ୍ରତ୍ୟେକ ପଦାର୍ଥର ମୂଲ୍ୟ ଏବଂ ଉପଯୋଗିତା ଅନୁସନ୍ଧାନ କରିବାକୁ ହେବ। ଦୃଷ୍ଟାନ୍ତ ସ୍ୱରୂପ ଜନ୍ମ ପୂର୍ବରୁ ଶରୀର ନଥିଲା ଏବଂ ମୃତ୍ୟୁ ପରେ ମଧ୍ୟ ଏହା ଏଠାରେ ରହିବ ନାହିଁ। ମାଟିରେ ତିଆରି ଗୋଟିଏ ପାତ୍ର ନାମରୂପ ଗ୍ରହଣ କରି ପାତ୍ର ରୂପରେ କିଛିକ୍ଷଣ ରହୁଛି ଏବଂ ପୁନଶ୍ଚ ମୃତ ପ୍ରକୃତି ଧାରଣ କରୁଛି। ପାତ୍ର ହେଉଛି କେବଳ ମୃତ୍ତିକା, କୃତ୍ରିମ ଉପାୟରେ ଏହାକୁ ନାମରୂପ ପ୍ରଦାନ କରାଯାଇଛି। ଯେ କୌଣସି ପଦାର୍ଥ ହେଲେ ବି ବିଶ୍ୱବ୍ରହ୍ମାଣ୍ଡର କୌଣସି ବସ୍ତୁ ସମୟ ପ୍ରଭାବରୁ ମୁକ୍ତ ନୁହେଁ, ମୃତ୍ୟୁ ଏବଂ ଧ୍ୱଂସ ଦାଉରୁ ଏହା ରକ୍ଷା ପାଇପାରିବ ନାହିଁ। ବୃକ୍ଷ ଓ ଭୂମି, ସଦନ ଓ ଶରୀର, ସମ୍ରାଟ ଓ ସାମ୍ରାଜ୍ୟ ସମସ୍ତଙ୍କୁ ଏଇ ଶେଷ ପରିଣତି ଭୋଗ କରିବାକୁ ହେବ। ନିଜ ମଧ୍ୟରେ ଥିବା ଅମରତ୍ୱ ସଂପର୍କରେ ସଚେତନ ହେବାର ଉପାୟକୁ ମଣିଷ ଉପେକ୍ଷା କରିଥାଏ। ନୈତିକ ସ୍ତର ସହିତ ସଂପର୍କିତ ଜ୍ଞାନରେ ସେ ମୋହିତ ହୋଇଥାଏ। ଯେଉଁମାନେ ଏହି ସହଜ ଆକର୍ଷଣର ଶିକାର ହୁଅନ୍ତି ସେମାନେ ନନ୍ଦନ ବନ ପରିତ୍ୟାଗ କରି ବିଷାକ୍ତ ଉଦ୍ଭିଦଭରା ଜଙ୍ଗଲରେ ପ୍ରବେଶ କରନ୍ତି। ପ୍ରକୃତ ବିଶ୍ୱ ବା ଆତ୍ମା ଠାରୁ ସେମାନେ ଦୂରେଇ ଯାଆନ୍ତି। ପ୍ରତିବିମ୍ବ ଅଥବା ଦୃଶ୍ୟ ଦ୍ୱାରା ସେମାନେ ବିମୋହିତ ହୁଅନ୍ତି। ଏପରି ମନୋବୃତ୍ତି ସେମାନଙ୍କୁ ସତ୍ୟ ସନ୍ଧାନ ବା ସତ୍ୟଜ୍ଞାନ କହି ଅଜ୍ଞ ରୂପେ ପରିଣତ କରେ।

*ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା,*
*ପଲାଇ ବାଲିଚନ୍ଦ୍ରପୁର, ଯାଜପୁର,*
*ଦୂରଭାଷ : ୯୯୩୭୪୭୦୯୮୦*

# ତ୍ରୁଟି ସୁଧାର ଜରୁରୀ

ଦୁଃଖଦ ବାହାନଗା ରେଳ ଦୁର୍ଘଟଣାକୁ ଇତିମଧ୍ୟରେ ୧ମାସ ପୁରି ଯାଇଥିବା ବେଳେ ହସ୍‌ପିଟାଲରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ଆଉ ୫ଜଣ ଆହତ ଯାତ୍ରୀଙ୍କ ମୃତ୍ୟୁ ଘଟିବା ଯୋଗୁଁ ମୃତ୍ୟୁ ସଂଖ୍ୟା ୨୯୩କୁ ବୃଦ୍ଧି ପାଇଛି। ଏବେ ବି ହସପିଟାଲରେ ଆହୁରି ୧୭ଜଣ ଚିକିତ୍ସାଧୀନ ଅଛନ୍ତି। ଗତ ୩ ଦଶନ୍ଧି ମଧ୍ୟରେ ସବୁଠାରୁ ଦୁଃଖଦ ଓ ଲୋମହର୍ଷଣକାରୀ ଥିବା ଏହି ଦୁର୍ଘଟଣାରେ ମୃତ ଯାତ୍ରୀଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୫୦ଜଣଙ୍କ ଶବ ଚିହ୍ନଟ ହୋଇପାରିନାହିଁ। ସମ୍ପର୍କୀୟମାନେ ନିଜ ପ୍ରିୟଜନଙ୍କ ମରଶରୀର ନେବା ପାଇଁ ଏବେ ବି ଚାତକ ପରି ଚାହିଁ ରହିଛନ୍ତି। ଏବେ ସେମାନଙ୍କ ପାଇଁ ଡିଏନଏ ପରୀକ୍ଷା ରିପୋର୍ଟ ଏକମାତ୍ର ଭରସା, ଯେଉଁଥିରେ ବିକୃତ ଶବଗୁଡିକୁ ଚିହ୍ନଟ ହୋଇପାରିବ। ଆହୁରି ମଧ୍ୟ ଦୁର୍ଘଟଣା ଏତେ ଭୟଙ୍କର ଏବଂ ଧ୍ୱଂସକାରୀ ଥିଲା ଯେ, ଏବେ ବି ସମ୍ପୃକ୍ତ ରେଳପଥରେ ରେଳ ଚଳାଚଳ ସମ୍ପୂର୍ଣ୍ଣ ଭାବେ ସ୍ୱଭାବିକ ହୋଇପାରିନାହିଁ। ରେଳ ଦୁର୍ଘଟଣା ନେଇ ରେଳବାଇ ନିରାପତା କମିଶନର ଇତି ମଧ୍ୟରେ ତାଙ୍କ ତଦନ୍ତ ରିପୋର୍ଟ ପ୍ରଦାନ କରିଛନ୍ତି। ଦୁର୍ଘଟଣା ପାଇଁ ମଣିଷକୃତ ତୃଟି ଓ ସିଗ୍‌ନାଲ ଭୁଲ ଦାୟୀ ବୋଲି କୁହାଯାଇଛି। ରେଳବାଇ ନିରାପତା କମିଶନର (ସିଆରଏସ) ଏ.ଏମ.ଚୌଧୁରୀ ପ୍ରଦାନ କରିଥିବା ତଦନ୍ତ ରିପେର୍ଟରେ ୩ଟି କାରଣ ଉଲ୍ଲେଖ କରିଛନ୍ତି। ପ୍ରଥମ କାରଣଟି ହେଉଛି


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଦୁଇଥର ତଥା ୨୦୧୮ରେ ଏବଂ ଦୁର୍ଘଟଣାର ଠିକ ୧ଘଂଟା ପୂର୍ବରୁ ହୋଇଥିବା ତୃଟିପୂର୍ଣ୍ଣ ମରାମତି କାର୍ଯ୍ୟ, ଯାହାକି ସର୍କଟ ବଦଳାଯିବାରେ ବୈଷୟକି ତୃଟି ରହିଥିଲା। ଯାହା ସିଗନାଲ୍ ସିଷ୍ଟମ ସହ ସମ୍ପୃର୍ଣ୍ଣ ଇଂଟରଲକିଂ ସିଷ୍ଟମକୁ ପ୍ରଭାବିତ କରିବା ଫଳରେ ଦ୍ରୁତଗାମୀ କରମଣ୍ଡଳ ଏକ୍ସପ୍ରେସକୁ ଭୁଲ ସିଗ୍‌ନାଲ ଦେଇଥିଲା। ଅପମେନ ଲାଇନରେ ଯିବା ପାଇଁ ଗ୍ରୀନ ଲାଇଟ ଜଳିଥିଲା, ସେହି ସମୟରେ କରମଣ୍ଡଳରେ ବେଗ ଘଂଟା ପ୍ରତି ୧୨୭ କିଲୋମିଟର ଥିବାରୁ

ଇଂଟରଲକିଂ ସିଷ୍ଟମରେ ତୃଟି ଯୋଗୁଁ ମେନ୍ ଲାଇନ ବଦଳରେ ଲୁପ ଲାଇନକୁ ଚାଲିଯାଇଥିଲା। ପୂର୍ବରୁ ଲୁପ୍ ଲାଇନରେ ଛିଡା ହୋଇଥିବା ମାଲଗାଡିକୁ ଧକ୍କା ଦେଇ ଲାଇନଚ୍ୟୁତ ହୋଇଯାଇଥିଲା। ଦ୍ୱିତୀୟଟି ହେଉଛି, ଏହି ଦୁର୍ଘଟଣାକୁ ଏଡାଇ ଦିଆଯାଇପାରିଥାନ୍ତା ମାତ୍ର ଘଂଟାକ ପୂର୍ବରୁ ହୋଇଥିଲା ମରାମତି କାର୍ଯ୍ୟ ସମ୍ପୂର୍ଣ ଭୁଲ ଥିଲା, ଯାହାକି ସିଗ୍‌ନାଲ ସତ୍ତ୍ୱେ କରମଣ୍ଡଳ ଏକ୍ସପ୍ରେସକୁ ଲୁପ ଲାଇନରେ ଯିବାକୁ ବାଧ କରିଥିଲା। ସେହିପରି ୨୦୧୮ରେ ହୋଇଥିବା ତୃଟିପୂର୍ଣ୍ଣ ମରାମତିରେ ବୈଷୟିକ ତୃଟି ରହିଥିଲା। ପ୍ରଶ୍ନ ଉଠୁଛି ରେଳବାଇରେ ବହୁ ଦକ୍ଷ ଇଂଜିନିୟର କାର୍ଯ୍ୟ କରୁଥିବା ବେଳେ ଦୀର୍ଘ ୫ବର୍ଷ ମଧ୍ୟରେ ଏହି ତୃଟିକୁ ଠାବ କରିପାରିଲେ ନାହିଁ କିପରି/ ଏହା ଅବହେଳା ନା ଅପାରଗତା ଏନେଇ ତଦନ୍ତ ହେବା ଜରୁରୀ। ଉଲ୍ଲେଖ କରାଯାଇପାରେ ଯେ, ୨୦୧୮ ମସିହାରେ ତୃଟିପୂର୍ଣ୍ଣ ଓୟାରିଂ ଏବଂ କେବୁଲ ଫଲଟ୍(ଇଏଲବି) କାମ ଯୋଗୁଁ ପଶ୍ଚିମବଙ୍ଗର ଖଡଗପୁର ଡିଭିଜନରେ ଅନୁରୂପ ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣା ପାଇଁ କେତେକ ଷ୍ଟେସନ ମ୍ୟାନେଜର ନୁହଁନ୍ତି, କ୍ଷେତ୍ର ପରିଦର୍ଶନ ଦାୟିତ୍ୱରେ ଥିବା କର୍ମଚାରୀମାନେ ଅଧିକ ଦାୟୀ କମିଶନର ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି। ଏଣିକି ରେଳଯାତ୍ରା କିପରି ସୁରକ୍ଷିତ ହୋଇପାରିବ ସେ ନେଇ ତୃଟି ବିହିନି ସିଗ୍‌ନାଲ ସିଷ୍ଟମକୁ ସୁନିଶ୍ଚିତ କରିବା ପାଇଁ କମିଶନର କେତେକ ସୁପାରିଶ କରିଛନ୍ତି ମଧ୍ୟ। ଆମେ ଅତୀତରେ ବାହାନଗା ଦୁର୍ଘଟଣା ମଣିଷକୃତ ବୋଲି ଏହି ସ୍ତମ୍ଭରେ ଦର୍ଶାଇଥିଲୁ। ତେବେ ଦୁର୍ଘଟଣା ପଛରେ ଷଡଯନ୍ତ୍ର ଥିବା ଆଶଙ୍କା କରି ଘଟଣାର ସିବିଆଇ ତଦନ୍ତ କାହିଁକି ଦିଆଗଲା, ତାହା ବୁଝାପଡୁନାହିଁ। ନିର୍ବାଚନୀ ବର୍ଷରେ କ'ଣ ଦୁର୍ଘଟଣାକୁ ଆତଙ୍କବାଦୀ କିମ୍ବା ଦୋଦ୍ରୋହିଙ୍କ କାର୍ଯ୍ୟ ବୋଲି ଦର୍ଶାଇବାକୁ ଉଦ୍ୟମ ହେଉଥିଲା ? ଇତିମଧ୍ୟରେ ସିବିଆଇ ତଦନ୍ତ ଆରମ୍ଭ କରିବାର ୧ମାସ ପୁରିବାକୁ ଯାଉଥିବାବେଳେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା କେବଳ ଅନ୍ଧାରରେ ବାଡି ବୁଲାଇବା ସାର ହୋଇଛି ବୋଲି କହିଲେ ହୁଏତ ଭୁଲ ହୋଇନପାରେ। ରେଳବାଇ ନିରାପତା କମିଶନରଙ୍କ ତଦନ୍ତ ରିପୋର୍ଟରେ ଏବେ ସବୁ କିଛି ସ୍ୱଷ୍ଟ ହୋଇଯାଇଛି ବୋଲି କୁହାଯାଇପାରେ। ଏହା ସତ୍ତ୍ୱେ ସିବିଆଇ ତଦନ୍ତ ରିପୋର୍ଟକୁ ଅପେକ୍ଷା କରିବା। ଏହା ନିଶ୍ଚିତ ଯେ, ଭାରତୀୟ ରେଳବାଇ ନେଟ୍‌ୱାର୍କ ହେଉଛି ବିଶ୍ୱର ସର୍ବବୃହତ ରେଳବାଇ ନେଟୱାର୍କ। ଦେଶରେ ବର୍ତ୍ତମାନ ସୁଦ୍ଧା ମୋଟ ୨୨,୫୯୩ଟି ଯାତ୍ରୀ ଓ ମାଲବାହୀ ଟ୍ରେନ ଚଳାଚଳ କରୁଛି । ଏହା ମଧ୍ୟରେ ୧୩,୪୫୨ଟି ଯାତ୍ରୀ ରେଳ ରହିଛି, ତହିଁରେ ଦୈନିକ ୩କୋଟିରୁ ଉର୍ଦ୍ଧ୍ୱ ଲୋକ ଗମନାଗମନ କରିଥିବା ବେଳେ ୯୧୪୧ଟି ମାଲବାହୀ ଟ୍ରେନରେ ଦୈନିକ ଲକ୍ଷ ଲକ୍ଷ ଟନ ମାଲ ପରିବହନ ହୋଇଥାଏ। ଦେଶରେ ଯାତ୍ରୀ ଓ ମାଲପରିବହନର ସବୁଠୁ ବଡ ମାଧ୍ୟମ ହେଉଛି ରେଳ। ରେଳବାଇରେ ଯାତ୍ରୀ ଓ ମାଲପରିବହନକୁ ସୁରକ୍ଷିତ ରଖାଯିବା ଆବଶ୍ୟକତା ଜରୁରୀ ଥିବାବେଳେ ଏବେ ମାଲଗାଡି ଲାଇନ୍‌ଚ୍ୟୁତ ହେବା ଗଣମାଧ୍ୟମର ଶିରୋନାମା ପାଲଟିଛି। ଯାତ୍ରୀ ଓ ମାଲଗାଡି ଆଟିଂକୋଲାଜିମ୍ ସିଷ୍ଟମ (କବଚ) ଲଗାଯିବା ସହ ଯୁଦ୍ଧକାଳୀନ ଭିତିରେ ଟ୍ରାକ, ସିଗ୍‌ନାଲ ମରାମତି ଅତି ଆବଶ୍ୟକ ଓ ଜରୁରୀ।

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧,*
*ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩,*
*ଶିଶୁପାଳଗଡ,-୭୫୧୦୦୨*
*ମୋବାଇଲ ନଂ-୯୪୩୭୯୯୪୩୭୯*

# ଜୀବନ ଯନ୍ତ୍ରଣାରେ ଅର୍ଥ ସାଜିଛି ବାଧକ--୧

ସମୟ ସ୍ରୋତରେ ସମସ୍ତେ କହନ୍ତି କେବଳ ଅର୍ଥାଭାବ ।
ଜୀବନ ବଂଚିବାରେ ବ୍ୟାପକ ବାଧକ ସାଜିଛି ଟଙ୍କା !
କି'ନ୍ତୁ କାହିଁକି, ହୁଏତ କେହି ବୁଝି ପାରନ୍ତି ନାହିଁ ଅଥବା
ଏହି ବିଷୟର ସମୀକ୍ଷା ଜ୍ଞାନ ନାହିଁ ?
ବିଚ୍ଛର କରିବା...

ପ୍ରାକୃତିକ ମଣିଷର ଜୀବନ ଶୈଳୀରେ ଅପ୍ରାକୃତିକ ଅନୁଭବ ଯେ ଦୁଃଖର କରାଳତା ସୃଷ୍ଟି କରୁଛି ଏକଥା କାହାର ଚେତନା ଜ୍ଞାନରେ ନାହିଁ । ଦୁନିଆର କ୍ରମନ୍ୱୟତା ଓ ସାମାଜିକ ବିଭୀଷିକା ଗୁଡିକୁ ପୁଙ୍ଖାନୁପୁଙ୍ଖ ପରୀକ୍ଷା କରିବା ତଥା ସେଗୁଡ଼ିକରେ ଭରି ରହିଥିବା ମାୟା ଜାଲର ଛନ୍ଦ ଗୁଡିକୁ ଜାଣିବା ସହଜ ହେଉନାହିଁ । ଚତୁର, ସର୍ବସାଧାରଣଙ୍କୁ ନିଃସ୍ୱ କରି ଲୁଣ୍ଠନର ଶିକାର କରିଚ୍ଛଲିଥିବା ଭଳି ବିଭୀଷିକାର କରାଳତା କାରଣରୁ ସାମାଜିକ ଅର୍ଥାଭାବ ଦେଖାଯାଇଥାଏ ବୋଲି ବୁଝି ନାହାନ୍ତି କେହି । ଚତୁର କେମିତି ଲୁଣ୍ଠନ କରନ୍ତି ପରୋକ୍ଷରେ ଯାହା ସାଧାରଣ ଲୋକଙ୍କ ପ୍ରତି ସେବା ଭଳି ଅନୁଭବ ହୋଇ ପ୍ରକୃତ ପକ୍ଷେ ପ୍ରତାରଣା ହୋଇଥାଏ, ବିଚ୍ଛର କରିବା... ଜଣେ ସାଧାରଣ ମଣିଷର ଦୈନନ୍ଦିନ ଜୀବନରେ ଯେତିକି ଆର୍ଥିକ ରୋଜଗାର ହୋଇଥାଏ ସେହି ଅର୍ଥର କେତେ ଭାଗ କେଉଁଭଳି ଖର୍ଚ୍ଚ ହୋଇଥାଏ ତାହାର କୌଣସି ହିସାବ ବୁଝିନଥା'ନ୍ତି କେହି । ସମୟକ୍ରମେ ଖର୍ଚ୍ଚ, ସଂଚୟ ଇତ୍ୟାଦି କେଉଁ ବାଟରେ ହୋଇଥାଏ ଏବଂ ତାହାର ପରିମାପକ କ'ଣ କାହାକୁ ଜଣାନାହିଁ । ସଂଚୟ, ଖର୍ଚ୍ଚ ଗୁଡିକ ସାମାଜିକ ନିବନ୍ଧନ ମଧ୍ୟରେ ରଖି ଆୟକୁ ବୃଦ୍ଧି କରିବା ଲକ୍ଷ ରଖୁଥିବା ମଣିଷଙ୍କ ସଂଖ୍ୟା ହୁଏତ ୯୯ ପାରି ଦେଖିବାକୁ ମିଳିବେ ଅନୁଧ୍ୟାନ କଲେ । ତେଣୁ ବେଳେ ବେଳେ କାହିଁକି, ପ୍ରାୟତଃ ସବୁ ସମୟରେ ସମସ୍ତ ବର୍ଗର ମଣିଷ ବିଭିନ୍ନ ଅନୈତିକ କାର୍ଯ୍ୟ କରି ଆହୁରି ଅଧିକରୁ ଅଧିକ ଅର୍ଥ ଆଦାୟ କରିବା ପାଇଁ ପ୍ରୟାଶରତ । ବିଡମ୍ବନାର ବିଷୟ ଏହାକି ଜଣେ ସାଧାରଣ ମଣିଷ ତା' ଜୀବନରେ କେତେ ଅର୍ଥ କେଉଁ ବାଟରେ ଆଦାୟ କରିଥାଏ ଏବଂ ସେଗୁଡିକର ବିନିଯୋଗ, ବ୍ୟୟ ଅଟକଳ କେମିତି କରିଥାଏ ତାହାର କୌଣସି ହିସାବ ନଥାଏ କାହା ପାଖରେ । ଅଧିକନ୍ତୁ ଆଦାୟ ଖର୍ଚ୍ଚର ତାଳମେଳ ତଥା ନିବେଶ ଅର୍ଥର ମୂଲ୍ୟାଙ୍କନ ବିଷୟରେ ମଧ୍ୟ ସାମ୍ୟକ ଜ୍ଞାନ ରହିନଥାଏ ସାଧାରଣ ମଣିଷଙ୍କର । ଏସବୁର ସୁଯୋଗ ନେଇ ସମାଜରେ କରାଳତା ସୃଷ୍ଟି କରୁଥିବା ବ୍ୟବସାୟୀ ଏବଂ ଅନ୍ୟାନ୍ୟ ଲୁଟେରାଙ୍କ ଶିକାର ହୋଇଥା'ନ୍ତି ସାଧାରଣ ନିର୍ବୋଧ । ତେଣୁ ବ୍ୟାପକ ରୋଜଗାର ଅବାଟରେ ଚ୍ଛଲି ଯାଉଥିବା କାରଣରୁ ମଣିଷକୁ ସବୁବେଳେ ଅଭାବ ଘେରି ରହିଥାଏ । ତାହାର ପ୍ରତିଫଳନ ସ୍ୱରୂପ ନିର୍ବୋଧ ମଣିଷ ଅହେତୁକ ଭାବେ ଅନୈତିକ କାର୍ଯ୍ୟ କରି ଅଧିକ ରୋଜଗାର କରିବା ପାଇଁ ମନ ବଳାଇ ଥାଏ ଏବଂ କରିଥାଏ ମଧ୍ୟ । କେଉଁ କେଉଁ ବାଟରେ ଆମର ରୋଜଗାର ଅର୍ଥ ଅହେତୁକ ଭାବେ ଖର୍ଚ୍ଚ ହେଉଛି ଏବଂ ସେଗୁଡିକର କୌଣସି



ବାସ୍ତବିକ ସଜ୍ଞା ଅଛି ନା କେବଳ ସାମାଜିକ କୁହେଳିକା ମାଧ୍ୟମରେ ଶିକ୍ଷା କରିଥିବା ବିଭ୍ରାନ୍ତିକର ମନବୃତ୍ତିରୁ ତାହା ଉଦ୍ଧୃତ ବିଚ୍ଛର ପୂର୍ବକ କ'ଣ କଲେ ସେସବୁର ସମାଧାନ ହୋଇ ପାରିବ ଆଲୋଚନା କରି ଦେଖିବା...ଏମିତି କେତେକ ପରିବାର ସମାଜରେ ଦେଖିବାକୁ ମିଳନ୍ତି ଯାହାଙ୍କ ଦୈନନ୍ଦିନ ରୋଜଗାର ଖୁବ୍ କମ୍ ଥାଇ କେବଳ ପାରିପାର୍ଶ୍ୱିକ ପ୍ରତିଯୋଗିତା ମୂଳକ ଚିନ୍ତନ କାରଣରୁ କିଂଚିତ ଦୁଃଖ ଅନୁଭବ କରୁଥିଲେ ମଧ୍ୟ ପରିବାର ପ୍ରତିପୋଷଣ ତଥା ସେମାନଙ୍କ ଜୀବନ ବଂଚିବା ଶୈଳୀରେ ଆଦୌ ଦୁଃଖ ନଥାଏ । ସେହିଭଳି ପରିବାର ଅତ୍ୟନ୍ତ ନଗଣ୍ୟ ସଂଖ୍ୟକ ଥାଇ ପାରନ୍ତି ଦେଖିବାକୁ ଗଲେ । କି'ନ୍ତୁ ଅନେକ ପରିବାର ଯଥେଷ୍ଟ ରୋଜଗାର ଥାଇ ମଧ୍ୟ ସବୁବେଳେ ବିଭିନ୍ନ ଦୁଃଖଦ ମୁହୂର୍ତ୍ତରେ କାଳାତିପାତ କରୁଥିବା ନମୁନା ଯଥେଷ୍ଟ ଅଧିକ ଦେଖିବାକୁ ମିଳିବ ଅନୁସନ୍ଧାନ କରାଗଲେ । ହେଲେ ଏହି ଦୁଇଟି ପରିବାର ମଧ୍ୟରେ ପ୍ରଭେଦକୁ ଭେଦ କରିପାରିଲେ ଆମେ ବୁଝି ପାରିବା ଯେ ବାସ୍ତବରେ ସୁଖ ଦୁଃଖର କରାଳତାର ସୃଷ୍ଟି ହେଉଛି କେଉଁଠୁ ? ଏବଂ ଆମେ ସେଗୁଡିକର ସମାଧାନ କିପରି କରିପାରିବା । ପ୍ରକୃତି କୋଳରେ ଜନ୍ମ ହୋଇ ପ୍ରାକୃତିକ ଭାବେ ଜୀବନ ଅତିବାହିତ କରି କୌଣସି ଏକ ସମୟରେ ଇହଲୀଳା ସମ୍ବରଣ କରି ପୁଣି ପ୍ରକୃତି କୋଳରେ ମିଶିଯିବା ସମସ୍ତେ, ଏହି ଜ୍ଞାନ କାହାକୁ ଅଗୋଚର ? ତଥାପି ଜୀବନର ପଥ ଅତିକ୍ରମରେ କେତେଯେ ଅପ୍ରାକୃତିକ ମନୁଷ୍ୟକୃତ ଜୀବନ ଶୈଳୀ ଆପଣେଇ ନେଇଥା'ନ୍ତି ସମସ୍ତେ ଯାହା ସବୁ ସମ୍ପୃକ୍ତ ସାଧାରଣ ମଣିଷଙ୍କ ବ୍ୟକ୍ତିଗତ ବିଚ୍ଛର ଜନିତ ନୁହେଁ ବରଂ ସାମାଜିକ କୁହେଳିକା କାରଣରୁ । ସମାଜରେ ବିଭିନ୍ନ ଅପ୍ରାକୃତିକ ଭାବବିହ୍ୱଳତା ସୃଷ୍ଟି କରି ଚତୁର ବ୍ୟବସାୟୀ ସାଧାରଣ ମଣିଷଙ୍କୁ ଲୁଣ୍ଠନର ଶିକାର କରି ଅଜସ୍ର ଅର୍ଥ ରୋଜଗାର କରୁଛନ୍ତି ଯାହା ସାଧାରଣ ଲୋକଙ୍କ ଦୈନନ୍ଦିନ ଝାଳବୁହା ରୋଜଗାର ସମ୍ପୃକ୍ତି । ନିର୍ବୋଧ କି'ନ୍ତୁ ବୁଝିପାରେନି ଯେ ସେ କେମିତି ନିଷ୍ପେସିତ ହେଉଛି ବ୍ୟପାରୀଙ୍କ ଦ୍ୱାରା । କେବଳ ସେମାନଙ୍କ ମିଥ୍ୟା ପ୍ରବଚନ ତଥା ଅଲୌକିକ ଦର୍ଶନରେ ବିମୁଗ୍ଧ ବିଭୋର ହୋଇ ଖର୍ଚ୍ଚ, ସଂଚୟ କରିଥାଏ ନିଜର ରୋଜଗାର ଅର୍ଥକୁ କେବଳ ବ୍ୟପାରୀଙ୍କୁ ପୋଷିବା ପାଇଁ । ଆଉ ତାହାର ପ୍ରତିଫଳନରେ ଅର୍ଜେ କେବଳ ଅଜସ୍ର ଟଙ୍କା ଆଉ ଅନୈତିକ କାର୍ଯ୍ୟ କରି ସାମାଜିକ ଅପବାଦ ତ ଆଉ କେତେବେଳେ ମାନସିକ ଅଶାନ୍ତି ଅଥବା ଶାରୀରିକ କ୍ଳେଶ ଯାହା ମୃତ୍ୟୁର ଦ୍ୱାରସ୍ଥ କାଇଥାଏ ତାକୁ । ଏଥିରୁ ନିସ୍ତାର ନାହିଁ, ନା ଆମରି ହାତରେ ରହିଛି ଏହାର ସମାଧାନ, ବିଚ୍ଛର କରିବା...ପ୍ରଥମ ପରିବାରଟି କ'ଣ କରୁଛି ଯଦ୍ୱାରା ତା ଘରେ, ପରିବାରରେ କୌଣସି ଦୁଃଖ ନାହିଁ ଏବଂ ଦ୍ୱିତୀୟ ପରିବାରଟି କେଉଁ କାରଣରୁ ସଦା ସର୍ବଦା ଦୁଃଖରେ ଘ୍ରି ହେଉଛି ତର୍ଜମା କରିବା । ଉପସ୍ଥିତ ସମୟରେ ଆମ ସମାଜରେ ଯାହା ସବୁ ମନୁଷ୍ୟକୃତ ଅପ୍ରାକୃତିକ କାର୍ଯ୍ୟ କରୁଛି ମଣିଷ ସେଗୁଡିକ ମଧ୍ୟରେ କେତେ ମାଧ୍ୟମରେ ଆମେ ଅର୍ଥ ହାନି କରିଥାଉ ଯାହା ପ୍ରଥମ ପରିବାରଟି ତାହାଠାରୁ ଦୁରେଇ ରହି ନିଜର ଖର୍ଚ୍ଚକୁ ନିୟନ୍ତ୍ରିତ କରିଥାଏ ଏବଂ ଦ୍ୱିତୀୟ ପରିବାରର କେଉଁ କାରଣରୁ ଅତ୍ୟଧିକ ଅର୍ଥ ଆବଶ୍ୟକ ହୋଇଥାଏ ଏବଂ ଏହି ଦୁଇଟି ମଧ୍ୟରେ ପ୍ରଭେଦ କ'ଣ ? ପ୍ରଥମ କଥା ହେଉଛି ମଣିଷ ନିଜକୁ ଅପ୍ରାକୃତିକ ସାମାଜିକ କରାଳତା ମଧ୍ୟରେ ଅହରହ ଅଶାନ୍ତିରେ ବଂଚିବାର ପ୍ରୟାସ ନିଜେହିଁ କରୁଛି ଯାହା ପ୍ରଥମ ପରିବାର କରନ୍ତି ନାହିଁ ! ଦ୍ୱିତୀୟତଃ ଆବଶ୍ୟକତା ନଥିବା କାରଣରୁ କୌଣସି ଅନୈତିକ କାର୍ଯ୍ୟ ନକରି ମାନସିକ ଶାନ୍ତିରେ ରହିଥା'ନ୍ତି ପ୍ରଥମ ପରିବାର ଯାହା ଦ୍ୱିତୀୟ ପରିବାରରେ ସମ୍ଭବ ହେଉନଥିବା କାରଣରୁ ସବୁବେଳେ ଦୁଃଖୀ ରହିଥା'ନ୍ତି ସେମାନେ । (କ୍ରମଶଃ)

*ସୋସିଆଲ ଫୋରମ (ଭାରତ)*
*ଛତ୍ରପୁର, ଗଂଜାମ-୭୬୧୦୨୦*
*ଦୂରଭାଷ.: ୯୪୩୭୩୨୪୯୧୭.*




# ଜଳବାୟୁ ପରିବର୍ତ୍ତନ ଓ ପରିବହନ ପ୍ରଦୂଷଣ



ପରିବହନ କ୍ଷେତ୍ରରେ ଆସିବ ବଡ଼ ସଂସ୍କାର। ଅଧିକ ଧୂଆଁ ଓ ପ୍ରଦୂଷଣ ନିର୍ଗତ କରୁଥିବା ପୁରୁଣା ଯାନବାହନ ରାସ୍ତାରୁ ହଟିବ। ପେଟ୍ରୋଲ, ଡିଜେଲ ଯେମିତି ଯେମିତି କମ୍ ବ୍ୟବହାର କରି ଗାଡ଼ି ଚାଳନା କରାଯିବ ସେଥିପାଇଁ ଡ୍ରାଇଭରଙ୍କୁ ଦିଆଯିବ ତାଲିମ। ଅତ୍ୟଧିକ ପ୍ରଦୂଷଣ ଛାଡ଼ୁଥିବା ଗାଡ଼ିମୋଟର ଧରପଗଡ଼ ବ୍ୟାପକ ହେବ। ଖାଲି ସେତିକି ନୁହେଁ, ସମୟ ସହ ତାଳ ଦେଇ ପ୍ରଦୂଷଣ ରୋକିବାକୁ ଅଧିକ ସଂଖ୍ୟାରେ ଇଲେକଟ୍ରିକ ଓ ସିଏନଜି ବ୍ୟବହାରକାରୀ ଗାଡ଼ି ମୋଟର ଗଡ଼ିବ। ଏ ନେଇ ଓଡ଼ିଶା ସରକାର ମେଗା ଯୋଜନା ପ୍ରସ୍ତୁତ କରିଛନ୍ତି। ୧୦ ବର୍ଷିଆ ଯୋଜନା ହୋଇଛି। ଜଳବାୟୁ ପରିବର୍ତ୍ତନର ମୁକାବିଲା କରିବା ଲାଗି ପରିବହନ କ୍ଷେତ୍ରରେ ବଡ଼ ପରିବର୍ତ୍ତନ ଆଣିବା ଲାଗି ୨୪୫ କୋଟି ଟଙ୍କା ବ୍ୟୟ କରିବାକୁ ଯୋଜନା କରାଯାଇଛି।

ଜଳବାୟୁ ପରିବର୍ତ୍ତନ ସାରା ବିଶ୍ୱ ପାଇଁ ମହାବିପଦ ଡାକି ଆଣିଲାଣି। ଯେଉଁଭଳି ହାରରେ ପ୍ରଦୂଷଣ ବ୍ୟାପୁଛି, ଆଗକୁ ସ୍ଥିତି ଭୟାନକ ହେବ। ପ୍ରଦୂଷଣ ବୃଦ୍ଧିରେ ସବୁଠୁ ବଡ଼ ଭୂମିକା ନେଇଛି ପରିବହନ କ୍ଷେତ୍ର। ହୁ ହୁ ହୋଇ ଯାନବାହନ ସଂଖ୍ୟା ବଢ଼ି ଚାଲିଥିବାରୁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଓ ବିଷାକ୍ତ ଗ୍ୟାସ ସ୍ତର ବଢ଼ି ଚାଲିଛି। ଯେଉଁ ହାରରେ ପ୍ରଦୂଷଣ ବଢ଼ୁଛି, ୨୦୩୫ ବେଳକୁ ସାରା ବିଶ୍ୱରେ ଯେତେ ପରିମାଣର ପ୍ରଦୂଷଣ ଥିବ ତାହାର ୪୬ ଭାଗ କେବଳ ଯାନବାହନରୁ ନିର୍ଗତ ହେଉଥିବ। ଜଳବାୟୁ ପରିବର୍ତ୍ତନ ଆକ୍ସନପ୍ଲାନ ରିପୋର୍ଟ ମୁତାବକ ୨୦୧୮ ମାର୍ଚ୍ଚ ୩୧ ସୁଦ୍ଧା ରାଜ୍ୟରେ ୭୪.୩୨ ଲକ୍ଷ ଯାନାବାହନ ପଞ୍ଜିକୃତ ହୋଇଥିଲା। ସେଥିରୁ ପ୍ରାୟ ୭୧ ଲକ୍ଷ ଗାଡ଼ିମୋଟର ଚଳାଚଳ କରୁଥିଲା। ୨୦୧୭-୨୦୧୮ରେ ୮.୬୬ ଲକ୍ଷ ନୂଆ ଯାନବାହନ ପଞ୍ଜିକୃତ ହୋଇଥିଲା ଯାହାକି ତା ପୂର୍ବବର୍ଷ ତୁଳନାରେ ୧୯.୬୦% ଅଧିକ। ୨୦୨୦ ଓ ୨୦୨୧ରେ କରୋନା ମହାମାରୀ ଯୋଗୁ ଯାନବାହନ କିଣା କମିଯାଇଥିଲା। ମାତ୍ର ଚଳିତବର୍ଷରୁ ପୁଣି ଯାନବାହନ ବିକ୍ରିରେ ଦ୍ରୁତ ଅଭିବୃଦ୍ଧି ଘଟିଛି। ରାଜ୍ୟ ସରକାରଙ୍କ ରିପୋର୍ଟ କହୁଛି ରାଜ୍ୟରେ ଯେତିକି ଗାଡ଼ିମୋଟର ଚାଲୁଛି ତାର ୮୧% କେବଳ ଦୁଇଚକିଆ ଯାନ। କାର୍ ଆଦି ହାଲୁକା ମୋଟର ଯାନ ସଂଖ୍ୟା ପ୍ରାୟ ୭%। ପବ୍ଲିକ ଟ୍ରାନ୍ସପୋର୍ଟ ବ୍ୟବସ୍ଥା ସ୍ଥିତି ଅତି ଦୁର୍ବଳ। ବସ୍‌ର ଉପସ୍ଥିତି ମାତ୍ର ୪.୯%। ଏଥିରୁ ସ୍ପଷ୍ଟ ବ୍ୟକ୍ତିଗତ ଯାନବାହନ ଚଳାଚଳ ରାଜ୍ୟରେ କେତେ ଅଧିକ। ଯାତ୍ରୀ ପରିବହନ ବ୍ୟବସ୍ଥାରେ ବସ୍ ସଂଖ୍ୟା ଆବଶ୍ୟକତାଠାରୁ ଅତି ନଗଣ୍ୟ, ଯେଉଁଥିପାଇଁ ଲୋକେ ବସ୍ ଉପରେ ନିର୍ଭର ନକରି ସବୁବେଳେ ନିଜ ବାଇକ, ସ୍କୁଟର କିମ୍ବା କାର ଚଳାଉଛନ୍ତି। ଯେତେ ଅଧିକ ଗାଡ଼ି ଗଡ଼ିବ, ସେତେ ଅଧିକ ଅଙ୍ଗାରକାମ୍ଳ ନିର୍ଗତ ହେବ, ସେତେ ଅଧିକ ପ୍ରଦୂଷଣ ବଢ଼ିବ। ଏହାକୁ ନଜରରେ ରଖି ରାଜ୍ୟ ସରକାର ଜଳବାୟୁ ପରିବର୍ତ୍ତନ ଆକ୍ସନ ପ୍ଲାନରେ ପରିବହନ କ୍ଷେତ୍ରକୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ପୁରୁଣା ଯାନବାହନକୁ ପର୍ଯ୍ୟାୟକ୍ରମେ ହଟାଇବା ପାଇଁ ସ୍ୱତନ୍ତ୍ର ସ୍କ୍ରାପ୍ ନୀତି କାର୍ଯ୍ୟକାରୀ କରାଯିବ। ୧୦ ବର୍ଷରେ ପ୍ରାୟ ୩୫ ଲକ୍ଷ ପୁରୁଣା ଗାଡ଼ିକୁ ରାସ୍ତାରୁ ହଟାଯିବ। ଏ ନେଇ ୬୦ କୋଟି ଟଙ୍କା ୧୦ ବର୍ଷରେ ବ୍ୟୟ କରିବାକୁ ଲକ୍ଷ୍ୟ ରଖାଯାଇଛି। କମ୍ ଇନ୍ଧନ ବ୍ୟୟ ପାଇଁ ଡ୍ରାଇଭରମାନଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯିବ। ଏଥିପାଇଁ ୧୦ ବର୍ଷରେ ୩ ଲକ୍ଷ ଡ୍ରାଇଭରଙ୍କୁ ପ୍ରଶିକ୍ଷଣ ଦିଆଯିବ। ପ୍ରଦୂଷଣ ଛାଡୁଥିବା ଗାଡ଼ିମୋଟରକୁ ଧରିବା ପାଇଁ କଠୋର ଧରପଗଡ଼ ହେବ। ଏ ନେଇ ସ୍କ୍ୱାର୍ଡ଼ ଗଠନ ହେବ। ଅଧିକ ଧରପଗଡ଼ ପାଇଁ ରାଜ୍ୟବ୍ୟାପୀ ସ୍କ୍ୱାର୍ଡ଼ କାର୍ଯ୍ୟ କରିବ। ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚକୁ ଅତି କଠୋର ଭାବେ କାର୍ଯ୍ୟକାରୀ କରାଯିବ। ଏ ଦିଗରେ ୧୦ବର୍ଷରେ ୧୦୦ କୋଟି ବ୍ୟୟ ହେବ। ଅଧିକ ସଂଖ୍ୟାରେ ପ୍ରଦୂଷଣ ଯାଞ୍ଚ କେନ୍ଦ୍ର ଖୋଲିବ। ଇ-ରିକ୍ସା, ଇଲେକ୍ଟ୍ରିକ ଯାନ ଓ ସିଏନଜି ଚାଳିତ ଗାଡ଼ି ମୋଟର ଚଳାଚଳକୁ ରାଜ୍ୟ ସରକାର ପ୍ରୋତ୍ସାହନ ଦେବେ। ଅବଶ୍ୟ ଇ-ଯାନ ନୀତିକୁ କାର୍ଯ୍ୟକାରୀ କରିବାରେ ସରକାର ପ୍ରୟାସ ଆରମ୍ଭ କରିଦେଇଛନ୍ତି। ଏହାକୁ ବ୍ୟାପକ କରାଯିବ। ଇ-ଯାନ ପାଇଁ ସରକାର ସବ୍‌ସିଡି ମଧ୍ୟ ଦେଉଛନ୍ତି। ଟିକସ ହ୍ରାସ ପାଇଁ ପଦକ୍ଷେପ ନିଆଯାଉଛି। ଏଭଳି ଭାବେ ୧୦ ବର୍ଷରେ ଏ କ୍ଷେତ୍ରରେ ୪୦ କୋଟି ଟଙ୍କା ବିନିଯୋଗ ପାଇଁ ସରକାର ଯୋଜନା କରିଛନ୍ତି। ପରିବେଶବିତ୍ ଡକ୍ଟର ବିଜୟ ମିଶ୍ରଙ୍କ କହିବାନୁସାରେ ସମୟ ଆସିଯାଇଛି ପବ୍ଲିକ ଟ୍ରାନ୍ସପୋର୍ଟକୁ ବ୍ୟାପକ କରିବାକୁ ହେବ। ପ୍ରତି ସ୍କୁଲ, କଲେଜ, ସରକାରୀ କାର୍ଯ୍ୟାଳୟ, ପ୍ରମୁଖ କାରଖାନାକୁ ବସ ସେବା ଯୋଡ଼ିବାକୁ ହେବ। ଯେତେ ଘରୋଇ ଗାଡ଼ି ବ୍ୟବହାର କମିବ, ବାୟୁ ପ୍ରଦୂଷଣ ମଧ୍ୟ କମିବ। ଏହାସହ ଅଧିକରୁ ଅଧିକ ଇ-ଯାନକୁ ପ୍ରୋତ୍ସାହନ ଦିଆଯିବା ଜରୁରୀ।

**-ନାଟ୍ୟସାରଥି ଅଭୟ କୁମାର ଦାସ**
*ଗୋତରା, ମାହାଙ୍ଗା, କଟକ,*
*ଦୂରଭାଷ: ୯୪୩୭୧୪୨୭୧୭*

## ଧର୍ମଶାଳା ପ୍ରେସ୍ କ୍ଲବର ସାଧାରଣ ପରିଷଦ ବୈଠକ



ଧର୍ମଶାଳା (ପିଏନ୍): ଯାଜପୁର ଜିଲ୍ଲାର ଅଗ୍ରଣୀ ସାମ୍ବାଦିକ ସଙ୍ଗଠନ ଧର୍ମଶାଳା ପ୍ରେସକ୍ଲବର ସାଧାରଣ ପରିଷଦ ବୈଠକ ଜାରକା ସ୍ଥିତ ପ୍ରେସ କ୍ଲବ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଏଥିରେ ଆୟବ୍ୟୟର ସମୀକ୍ଷା କରାଯାଇଥିଲା। ଏହି ଅବସରରେ ପ୍ରେସ କ୍ଲବର ବାର୍ଷିକ ଉତ୍ସବ ପାଳନ ପ୍ରସ୍ତୁତି ନେଇ ଆଲୋଚନା କରାଯାଇଥିଲା। କ୍ଲବର ଉପଦେଷ୍ଟା ବଟକୃଷ୍ଣ ପରିଡ଼ା, ଇନ୍ଦ୍ରମଣି ନାୟକ, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ ଯୋଗଦେଇ ଉତ୍ସବକୁ ସରସସୁନ୍ଦର କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଏଥିସହ କ୍ଲବର ବାର୍ଷିକ ମୁଖପତ୍ର 'ପ୍ରହରୀ' ପ୍ରକାଶନ ସହସମ୍ପାଦନା ମଣ୍ଡଳୀ ଗଠନ କରାଯାଇଥିଲା। କ୍ଲବର ସଭାପତି ଓ ସମ୍ପାଦକଙ୍କ ସମେତ ସମ୍ପାଦନା ମଣ୍ଡଳୀରେ କୋଷାଧ୍ୟକ୍ଷ ଅଖିଳ କୁମାର ସ୍ୱାଇଁ, ସହ ସମ୍ପାଦକ ମାନସ ରଂଜନ ଜେନା, ବରିଷ୍ଠ ସଭ୍ୟ ବିବେକାନନ୍ଦ ରାୟ ଓ ସଂଗଠନ ସମ୍ପାଦକ ପ୍ରଶାନ୍ତ ଗନ୍ତାୟତଙ୍କୁ ମନୋନୀତ କରାଯାଇଥିଲା। ଏଥିସହ ଜାନୁଆରୀ ମାସ ୨୩ ତାରିଖରେ ଦିବଂଗତ ସଭାପତି ନରହରି ମହାନ୍ତିଙ୍କ ଶ୍ରାଦ୍ଧୋତ୍ସବ ପଡୁଥିବାରୁ ପ୍ରେସ କ୍ଲବ କାର୍ଯ୍ୟାଳୟ ପରିସରରେ ସ୍ୱର୍ଗତଃ ମହାନ୍ତିଙ୍କ ଶ୍ରାଦ୍ଧୋତ୍ସବକୁ ସ୍ୱତନ୍ତ୍ର ଭାବେ ପାଳନ କରିବାକୁ ପ୍ରସ୍ତାବ ଗୃହିତ ହୋଇଥିଲା। ଏହି ବୈଠକରେ ଉପସଭାପତି ଗୁଲାମ ଗସ, ସୀତାକାନ୍ତ ସାମଲ, ଆଇନ ପରାମର୍ଶଦାତା କ୍ଷୀରୋଦ ଚନ୍ଦ୍ର ମୁଦୁଲି, ସାମ୍ବାଦିକ କପିଳେନ୍ଦ୍ର ରାଉତ, ସବ୍ୟସାଚୀ ବେହେରା, ବିକ୍ରମ କେଶରୀ ମହାନ୍ତି, ଅକ୍ଷୟ କୁମାର ରାଉତ, ଅନିଲ କୁମାର ନାୟକ, ଗିରିଧାରୀ ବେହେରା, ସୁବ୍ରତ ଜେନା, ବିନୋଦ ପରିଡ଼ା, କିଶୋର ରାଉତ, ବିନୋଦ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସଂଗଠନ ସମ୍ପାଦକ ପ୍ରଶାନ୍ତ କୁମାର ଗନ୍ତାୟତ ଧନ୍ୟବାଦ ଦେଇଥିଲେ।

## ଧର୍ମଶାଳା ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ବିଇଓଙ୍କୁ ଦାବିପତ୍ର

ଧର୍ମଶାଳା (ପିଏନ୍): ୩ ଦଫା ଦାବି ପୂରଣ ପାଇଁ ଧର୍ମଶାଳା ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ଜାରକା ବଜାରରେ ଶୋଭାଯାତ୍ରା ସହ ବିଇଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଶିକ୍ଷକ ନେତା ଅକ୍ଷୟ କୁମାର ଦାସ, ମନୋଜ କୁମାର ରଣା, ଦୟାନିଧି ବିଶ୍ୱାଳ, ସେକ୍ ସାମସୁଦ୍ଦିନ୍, ଦୀପ୍ତି ରାଉତ, ବ୍ରଜକିଶୋର ପଣ୍ଡା, ପ୍ରକାଶ ନାୟକ, ଚନ୍ଦନ କୁମାର ସ୍ୱାଇଁ ଓ ଅରବିନ୍ଦ ଦାସଙ୍କ ନେତୃତ୍ୱରେ ୩ଶହରୁ ଅଧିକ ଶିକ୍ଷକ ଓ ଶିକ୍ଷୟିତ୍ରୀ ଜେମାଶୁଣୀ ମନ୍ଦିରରୁ ବାହାରି ଜାରକା ବଜାର ପରିକ୍ରମା କରିଥିଲେ। ହାତରେ ପ୍ଲାକାର୍ଡ ଧରି ଦାବି ପୂରଣ ପାଇଁ ବିଭିନ୍ନ ନାରାବାଜି କରିଥିଲେ। ପରେ ଧର୍ମଶାଳା ବିଇଓଙ୍କ କାର୍ଯ୍ୟାଳୟରେ ପହଁଚି ବିଇଓ ନିକୁଂଜବିହାରୀ ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଶିକ୍ଷକ ନାରାୟଣ ନନ୍ଦ, ନରେନ୍ଦ୍ର ବେହେରା, ଅନୀଲ କୁମାର ମହାରଣା, ଶିକ୍ଷୟିତ୍ରୀ ଶାନ୍ତିଲତା ସାହୁ, କୁମୁଦିନୀ ପାଢ଼ୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଡି.ଏମ୍.ଏଫ୍.ର ଏକାଦଶତମ ଟ୍ରଷ୍ଟ୍ ବୋର୍ଡ ବୈଠକ ଅନୁଷ୍ଠିତ



କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲା ଡି.ଏମ୍.ଏଫ୍. (ଜିଲ୍ଲା ଖଣିଜ ପ୍ରତିଷ୍ଠାନ)ର ଏକାଦଶତମ ଟ୍ରଷ୍ଟ୍ ବୋର୍ଡ ବୈଠକ ଚଳିତ ନଭେମ୍ବର ୧୯ ତାରିଖ ଶନିବାର ଦିନ ଜିଲ୍ଲାପାଳ ତଥା ଡି.ଏମ୍.ଏଫ୍.ର ଚେୟାରମ୍ୟାନ୍ ତଥା ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ଆଶିଷ ଠାକରେଙ୍କ ଅଧକ୍ଷତାରେ ଦରବାର ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କେନ୍ଦୁଝର ଲୋକସଭା ସଦସ୍ୟା ସୁଶ୍ରୀ ଚନ୍ଦ୍ରାଣୀ ମୁର୍ମୁ, ତେଲକୋଇ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରେମାନନ୍ଦ ନାୟକ, କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀ, ଚମ୍ପୁଆ ବିଧାୟିକା ଶ୍ରୀମତୀ ମିନାକ୍ଷୀ ମହାନ୍ତ, ଜିଲ୍ଲା ପରିଷଦର ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତଥା ଡି.ଏମ୍.ଏଫ୍.ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ୍, ଡି.ଏମ୍.ଏଫ୍. ଟ୍ରଷ୍ଟ୍ ବୋର୍ଡର ସଦସ୍ୟ/ସଦସ୍ୟା, ସଂପୃକ୍ତ ଲାଇନ୍ ଡିପାର୍ଟମେଂଟ୍‌ର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଡି.ଏମ୍.ଏଫ୍. ଟ୍ରଷ୍ଟ୍ ବୋର୍ଡର ନୂତନ ସଦସ୍ୟ / ସଦସ୍ୟାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଠାକରେ ସମସ୍ତଙ୍କୁ ସ୍ୱାଗତ ସମ୍ଭାଷଣ କରି ଡି.ଏମ୍.ଏଫ୍.ର ଆର୍ଥିକ ସହଯୋଗରେ ଜିଲ୍ଲାରେ ହାତକୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ବିଶେଷ କରି ଡି.ଏମ୍.ଏଫ୍. ସହଯୋଗରେ ଅଭିନବ ପଦକ୍ଷେପ ମାଧ୍ୟମରେ ଶିଶୁମାନଙ୍କର ପୌଷ୍ଟିକ ଅଭିବୃଦ୍ଧି ପାଇଁ ଅଙ୍ଗନୱାଡ଼ି ଶିଶୁଙ୍କୁ ମାଣ୍ଡିଆ ଲଡୁ ଯୋଗାଣ, କର୍ମଜୀବୀ ମହିଳାଙ୍କ ଶିଶୁମାନଙ୍କ ଯତ୍ନ ଓ ପୃଷ୍ଟି ସାଧନ ପାଇଁ କ୍ରେଚ୍ ସ୍ଥାପନ, ମାତୃ ଓ ଶିଶୁ ମୃତ୍ୟୁହାର ରୋକିବା ପାଇଁ ମା ଗୃହ ସ୍ଥାପନ, ଓଡ଼ିଶା ମିଲେଟ୍ ମିଶନ ଅଂର୍ଗତ କାର୍ଯ୍ୟକ୍ରମରେ ମାଣ୍ଡିଆ ଚାଷକୁ ପ୍ରୋତ୍ସାହନ ଜରିଆରେ ଚାଷୀମାନଙ୍କର ଆର୍ଥିକ ଅଭିବୃଦ୍ଧି ଓ ମାଣ୍ଡିଆ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀର ଆର୍ଥିକ ଅଭିବୃଦ୍ଧି, ମାଣ୍ଡିଆ ଜାତୀୟ ଖାଦ୍ୟର ବହୁଳ ବ୍ୟବହାର, କୃଷି ଉତ୍ପାଦନ କ୍ଲଷ୍ଟର ଜରିଆରେ ଏସ୍.ଏଚ୍.ଜି.ଙ୍କ ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ କେନ୍ଦୁଝର ଜିଲ୍ଲା ସର୍ବଭାରତୀୟ ସ୍ତରରେ ପ୍ରଶଂସିତ ହୋଇଛି ଏବଂ ନୀତି ଆୟୋଗ ମଧ୍ୟ ପ୍ରଶଂସା କରିଛଁ ବୋଲି କହିଥିଲେ। କେନ୍ଦୁଝର ବିଧାୟକ ମୋହନ ଚରଣୀ ମାଝୀ ଏହି ବୈଠକରେ ଉଦ୍‌ବୋଧନ ଦେଇ କହିଥିଲେ ଯେ କେନ୍ଦୁଝର ଜିଲ୍ଲାର ଡି.ଏମ୍.ଏଫ୍. ଏକ ବଡ ସଂସ୍ଥା ଏବଂ ଡି.ଏମ୍.ଏଫ୍.କୁ ପର୍ଯ୍ୟାପ୍ତ ପାଣ୍ଠି ଆସୁଛି, ଏଣୁ ଯଥାଯଥ ଯୋଜନାବଦ୍ଧ ଭାବେ ଯୋଜନା ପ୍ରସ୍ତୁତ କରି କାର୍ଯ୍ୟାନ୍ୱୟନ କଲେ ଏବଂ ସମସ୍ତଙ୍କ ସହଯୋଗରେ କେନ୍ଦୁଝର ଜିଲ୍ଲାର ଉଲ୍ଲେଖନୀୟ ଉନ୍ନତି ହେବା ସହିତ କେନ୍ଦୁଝର ଜିଲ୍ଲା ଡି.ଏମ୍.ଏଫ୍. ସମଗ୍ର ଭାରତ ବର୍ଷରେ ପ୍ରଥମ ସ୍ଥାନ ହାସଲ କରିପାରିବ ବୋଲି କହିଥିଲେ। କେନ୍ଦୁଝର ବିଧାୟକ ଶ୍ରୀ ମାଝୀଙ୍କ ସମେତ ତେଲକୋଇ ବିଧାୟକ ଶ୍ରୀ ପ୍ରେମାନନ୍ଦ ନାୟକ, ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ ଡି.ଏମ୍.ଏଫ୍. କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବା, ସୁପରିଚାଳନା ସଂପର୍କରେ ପରାମର୍ଶ ଦେଇଥିଲେ। ବୈଠକରେ ଡିଏମ୍‌ଏଫ୍ ଅନୁଦାନରେ ବିଭିନ୍ନ ବିଭାଗ ଜରିଆରେ ହାତକୁ ନିଆଯାଇଥିବା ପ୍ରକଳ୍ପଗୁଡ଼ିକର ସ୍ଥିତି, ଅଗ୍ରଗତି ଓ କେତେକ କ୍ଷେତ୍ରରେ ପ୍ରକଳ୍ପର କାର୍ଯ୍ୟାନ୍ୱୟନରେ ଦେଖାଦେଇଥିବା ପ୍ରତିବନ୍ଧକ ସଂପର୍କରେ ପାୱାର ପଏଂଟ୍ ପ୍ରେଜେଂଟେସନ୍ ସହିତ ଆଲୋଚନା କରାଯାଇଥିଲା। ଡି.ଏମ୍.ଏଫ୍. ଫଣ୍ଡରେ ନିର୍ମିତ କେନ୍ଦୁଝର ସରକାରୀ ମେଡିକାଲ୍ କଲେଜ ଓ ହସ୍‌ପିଟାଲ୍‌ରେ ପାଠପଢା ଆରମ୍ଭ ସଂପର୍କରେ ଆଲୋଚନା ହୋଇଥିଲା। ଯୋଡା ଫ୍ଲାଇ ଓଭରବ୍ରିଜ୍ ନିର୍ମାଣ, ବଡବିଲ୍‌ଠାରେ ରିଙ୍ଗ୍ ରୋଡ୍ ନିର୍ମାଣ, ପୂର୍ତ୍ତ ବିଭାଗ ଦ୍ୱାରା ବିଭିନ୍ନ ରାସ୍ତା ଓ ପୋଲ ନିର୍ମାଣ, ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ହାତକୁ ନିଆଯାଇଥିବା ରାସ୍ତା, ପୋଲ ଓ ହଷ୍ଟେଲ୍ ନିର୍ମାଣର ସ୍ଥିତି ଅଗ୍ରଗତି ସଂପର୍କରେ ସମୀକ୍ଷା କରାଯାଇଥିଲା। ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ଦ୍ୱାରା ହାତକୁ ନିଆଯାଇଥିବା ବିଭିନ୍ନ ପାନୀୟ ଜଳ ପ୍ରକଳ୍ପ / ମେଗା ପାନୀୟ ଜଳ ପ୍ରକଳ୍ପର ସ୍ଥିତି, କାର୍ଯ୍ୟକାରିତା ଓ ଅଗ୍ରଗତି ସଂପର୍କରେ ଆଲୋଚନା କରାଯାଇ ଅସଂପୂର୍ଣ୍ଣ ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସଂପୂର୍ଣ୍ଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜଳକ୍ଲିଷ୍ଟ ଅଂଚଳରେ ଟ୍ୟୁବ୍‌ୱେଲ୍, ସୋଲାର ମାଧ୍ୟମରେ ପାନୀୟ ଜଳ ଯୋଗାଣ କରିବାକୁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ପ୍ରତି ଘରକୁ ପାଇପ୍ ପାଣି ଯୋଗାଣ କାର୍ଯ୍ୟକ୍ରମରେ ପ୍ରତି ଘର ସଂଯୋଗ ହୋଇଛି କି ନାହିଁ ତାହା ବିଡିଓମାନଙ୍କ ଦ୍ୱାରା ତଦାରଖ କରାଯିବ ବୋଲି କହିଥିଲେ। ଉଠାଜଳସେଚନ ବିଭାଗ ଦ୍ୱାରା ହାତକୁ ନିଆଯାଇଥିବା ମେଗା ଉଠାଜଳସେଚନ ପ୍ରକଳ୍ପ, ଇଡ୍‌କୋ ଦ୍ୱାରା ହାତକୁ ନିଆଯାଇଥିବା ଧରଣୀଧର ସ୍ପୋର୍ଟ୍‌ସ କଂପ୍ଲେକ୍ସର ଆଧୁନିକିକରଣ, ଧନୁର୍ଜୟପୁର ଠାରେ ହେଭି ଭେହିକିଲ୍ ଡ୍ରାଇଭିଂ ଟ୍ରେନିଂ ସେଂଟର, ଜିଲ୍ଲାର ବିଭିନ୍ନ ସ୍ଥାନରେ ଟ୍ରକ୍ ଟିର୍ମିନାଲ୍ ନିର୍ମାଣ, ସ୍ୱାସ୍ଥ୍ୟ ବିଭାଗର ଭିତିଭୂମିର ଉନ୍ନତି, ମା ଗୃହ ନିର୍ମାଣ, ସଂଜିବନୀର କାର୍ଯ୍ୟକାରିତା, ଡିଜିଟାଲ୍ ଡିସ୍‌ପେନ୍‌ସାରୀର କାର୍ଯ୍ୟକାରିତା, କୋଭିଡ୍ ସମୟରେ ଡି.ଏମ୍.ଏଫ୍. ଫଣ୍ଡ ବିନିଯୋଗରେ ମହାମାରୀ କୋଭିଡ୍‌ର ମୁକାବିଲା, ଓଡିଶା ମିଲେଟ୍ ମିଶନ ଅନ୍ତର୍ଗତ କାର୍ଯ୍ୟକ୍ରମ, କୃଷି ଉତ୍ପାଦନ କ୍ଲଷ୍ଟରର କାର୍ଯ୍ୟାବଳୀ ଓ ସଂପ୍ରସାରଣ, ମହିଳା ଶିଶୁ ବିକାଶ ବିଭାଗର କାର୍ଯ୍ୟକ୍ରମ, ଅଙ୍ଗନୱାଡ଼ି ଗୃହ ନିର୍ମାଣ, ଅଙ୍ଗନୱାଡ଼ି କେନ୍ଦ୍ରମାନଙ୍କୁ ଧୂମବିହୀନ ଚୂଲା ଓ ପ୍ରେସରକୁକର ଯୋଗାଣ, ଜିଲ୍ଲାରେ କ୍ରେଚର କାର୍ଯ୍ୟକାରିତା ଓ ସଂପ୍ରସାରଣ, ବିଭିନ୍ନ ଅଂଚଳରେ ଅପପୃଷ୍ଟିର ଶିକାର ହେଉଥିବା ଶିଶୁମାନଙ୍କର ପୁଷ୍ଟିର ବିକାଶ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ, ଯୋଡାଠାରେ ଓଲଡ୍ ଏଜ୍ ହୋମ୍‌ର କାର୍ଯ୍ୟକାରିତା ଓ ସଂପ୍ରସାରଣ ସଂପର୍କରେ ସମୀକ୍ଷା କରାଯିବା ସହିତ ଡି.ଏମ୍.ଏଫ୍. ଅନୁଦାନରେ ହାତକୁ ନିଆଯାଉଥିବା ନୂତନ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଖଣି ପ୍ରଭାବିତ ଅଂଚଳ ଭାବେ ନୂତନ ଭାବେ ଚିହ୍ନଟ ହୋଇଥିବା ୧୦୬ଟି ଗାଁ ସଂପର୍କରେ ଆଲୋଚନା କରାଯାଇଥିଲା। ପ୍ରତି ପଂଚାୟତରେ ଲାଇବ୍ରେରୀ ସ୍ଥାପନ, ଖେଳପଡିଆ ନିର୍ମାଣ ଏବଂ ପାର୍କ ନିର୍ମାଣ ସହିତ ଆଗାମୀ ଦିନରେ ହାତକୁ ନେବାକୁ ଥିବା ଅନ୍ୟାନ୍ୟ କାର୍ଯ୍ୟକ୍ରମ ସଂପର୍କରେ ଜିଲ୍ଲାପାଳ ସୂଚନା ଦେଇଥିଲେ। ଏତଦ୍‌ବ୍ୟତୀତ ପୂର୍ବ ଟ୍ରଷ୍ଟ୍ ବୋର୍ଡ ବୈଠକର ଅନୁମୋଦିତ ବିବରଣୀ ସଂପର୍କରେ ଆଲୋଚନା ସହିତ ୨୦୨୦-୨୧ ଏବଂ ୨୦୨୧-୨୨ ବର୍ଷର ବାର୍ଷିକ ରିପୋର୍ଟ ଉପସ୍ଥାପନା କରାଯାଇଥିଲା।


## DISPLAY CLASSIFIED

**FOR ADVERTISEMENT CONTACT**
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**ADMISSION ON**
MPS PLAY HOME
Where awareness nurtured, innocence blossoms.
*For*
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

**VED BHAWAN**
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
*Contact :*
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Prajyan Communication

Mahaditya Publication

**ADMISSION ON**
MAHARISHI PUBLIC SCHOOL
your gateway to complete education
*For*
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ସପ୍ତ ଦିବସ ବ୍ୟାପୀ ଭାଗବତ କଥାମୃତର ଉଦ୍‌ଯାପନ



ଯାଜପୁର (ପିଏନ୍): ଯାଜପୁର ଜିଲ୍ଲା ଗୀତା ଜାଗରଣ ପରିଷଦର ଆନୁକୂଲ୍ୟରେ ଆୟୋଜିତ ଭାଗବତ କଥାମୃତ ଆଲୋଚନାର ଉଦ୍‌ଯାପନୀ ଦିବସରେ ପରିଷଦର ସଭାନେତ୍ରୀ ପ୍ରତୀମା କରଙ୍କ ଅଧକ୍ଷତାରେ ଏକ ସଭା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ଗଦାଧର ରାଉତ, ଭାଗବତର ମହତ୍ୱ ଉପରେ ଆଲୋଚନା କରିବା ସହିତ, ଗାୟକ ଚୁଡ଼ାମଣୀ ଜଗବନ୍ଧୁ ଓଝାଙ୍କୁ ଗାୟକ ସୁଧାକର ଚନ୍ଦ୍ର ପରମାନନ୍ଦ ଶରଣ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶିଷ୍ଟ ପ୍ରବଚକ ନିତ୍ୟାନନ୍ଦ ଦେଓ ଅନ୍ତିମ ସନ୍ଧ୍ୟାରେ ଭାଗବତର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବା ସହିତ ଭଗବାନଙ୍କୁ ପାଇବାକୁ ହେଲେ ନିଷ୍କାମ ଭକ୍ତିର ଆବଶ୍ୟକତା ଅପରିହାର୍ଯ୍ୟ ବୋଲି ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଉପସଭାପତି କ୍ଷୀରୋଦଚନ୍ଦ୍ର ପାଠୀ ଉପସ୍ଥିତ ଥିଲେ, ସମ୍ପାଦକ ଭାସ୍କର ମହାନ୍ତି, ସପ୍ତ ଦିବସ ବ୍ୟାପୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସାଂସ୍କୃତିକ ସଂପାଦକ ଗୁଣମଣୀ ପାଣିଗ୍ରାହୀ ନିଜର ବକ୍ତବ୍ୟରେ ଅନୁଷ୍ଠାନ ପ୍ରତି ତାଙ୍କର ନିଷ୍ଠା ଓ ଚେଷ୍ଟା ଜାରି ରଖିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସୁବାସ ମହାପାତ୍ର, ରବିନାରାୟଣ କର, ଅକ୍ଷୟ ମିଶ୍ର, ଜନାର୍ଦ୍ଦନ ମହାନ୍ତି, ଫାଗୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସହ-ସମ୍ପାଦକ ବୃନ୍ଦାବନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପୁରୁଣା ପେନ୍‌ସନ ୨୮୦୦ ଟଙ୍କା ଗ୍ରେଡ ପେ ଦାବୀରେ ବାଂଶପାଳ ବିଇଓ ଅଫିସ ଘେରାଉ କଲେ ଶିକ୍ଷକ



କେନ୍ଦୁଝର (ପିଏନ୍): ବାଂଶପାଳ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ବିଭିନ୍ନ ଦାବୀ ନେଇ ବାଂଶପାଳ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା କରାଯିବା ସହ ଘେରାଉ କରିଛନ୍ତି। ୨୦୦୧ ମସିହାରୁ ବର୍ତ୍ତମାନ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ସରକାରଙ୍କ ପକ୍ଷରୁ ଶିକ୍ଷା ସହାୟକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଥିଲା। ନିକଟରେ ରାଜ୍ୟ ସରକାର ୨୦୧୩ ପରବର୍ତ୍ତୀ ଚୁକ୍ତି ଭିତ୍ତିକ ନିଯୁକ୍ତି ଉଚ୍ଛେଦ କରି ନିୟମିତ କରିଥିଲେ ମଧ୍ୟ ପ୍ରାଥମିକ ଶିକ୍ଷକ ମାନେ ଏଥିରୁ ବଂଚିତ ହୋଇଛନ୍ତି। ଦୀର୍ଘ ବର୍ଷ ଧରି କାର୍ଯ୍ୟ କରି ଆସୁଥିବା ପ୍ରାଥମିକ ଶିକ୍ଷକମାନଙ୍କୁ ସରକାର ବାରମ୍ବାର ଅବହେଳା ପ୍ରଦର୍ଶନ କରି ଆସୁଛନ୍ତି। ଚାକିରୀରେ ଯୋଗ ଦେବା ଦିନଠାରୁ ୬ ବର୍ଷର ଶିକ୍ଷା ସହାୟକ ସମୟକୁ ମୂଳ ଚାକିରୀ ସହିତ ଗଣନା କରିବା ସହିତ ୬ଟି ଇନକ୍ରିମେଣ୍ଟ ପ୍ରଦାନ କରିବା, କେନ୍ଦ୍ରୀୟ ହାରରେ ଦରମା ଦେବା, ଏନପିଏସକୁ ଉଚ୍ଛେଦ କରି ପୁରୁଣା ପେନସନ ସ୍କିମ ଲାଗୁ କରିବା, ପ୍ରାଥମିକ ଶିକ୍ଷକମାନଙ୍କ ଗ୍ରେଡ ପେ ୨୮୦୦ ଟଙ୍କାକୁ ବୃଦ୍ଧି କରିବା ଆଦି ୩ଟି ଦାବୀ ସମ୍ବଳିତ ଏକ ସ୍ମାରକପତ୍ର ବିଇଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଏହାର ପ୍ରତିବାଦରେ ମହାସଂଘ ଡାକରାରେ ଆଗାମୀ ୨୭ ତାରିଖ ସୁଦ୍ଧା ଏହି ୩ଟି ଦାବୀ ପୂରଣ ନ କଲେ ସେହିଦିନଠାରୁ ଦାବୀ ହାସଲ ହେଲା ପର୍ଯ୍ୟନ୍ତ ବିଧାନସଭା ଆଗରେ ଅହୋରାତ୍ର ଧାରଣାରେ ଶିକ୍ଷକମାନେ ବସିବେ ବୋଲି ବାଂଶପାଳ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି କଳାକାର ବେହେରା ଚେତାବନୀ ଦେଇଛନ୍ତି। ଏହି ଆନ୍ଦୋଳନରେ ବାଂଶପାଳ ବ୍ଲକ ଶିକ୍ଷକ ସଂଘ ସଭାପତି କଳାକର ବେହେରା, ସମ୍ପାଦକ ଆଶିଷ କୁମାର ସେଠୀ, ଗୌରହରି ମହାନ୍ତ, ବସନ୍ତ ପରିଡ଼ା, ଜ୍ଞାନେନ୍ଦ୍ର ଦେହୁରୀ, ପ୍ରଭାକର ସାହୁ, କ୍ଷିରୋଦ ଚନ୍ଦ୍ର ସେଠୀ, ଦୁଃଶାସନ ମହାନ୍ତ, ରାଜଶ୍ରୀ ମହାନ୍ତି, ପ୍ରମିଳା ସାହୁ, ରୀନା ବେହେରା, କନ୍ୟାକୁମାରୀ ଦଣ୍ଡପାଟ, ଅଶୋକ ଖମାରୀ, ଲୋହିତେଶ୍ୱର ନାୟକ, ଭଦ୍ରାନନ୍ଦ ପାତ୍ର, ହୃଦାନନ୍ଦ ମହାନ୍ତ, ବାପୁଲୁ ସିଂ, ସନ୍ତୋଷ କୁମାର ମହାପାତ୍ର, ଗୌରାଙ୍ଗ ଚରଣ ସାହୁ, ରୀତାଂଜଳି ପଣ୍ଡା, ପ୍ରଦୀପ ମହାନ୍ତ ସମେତ ବହୁ ଶିକ୍ଷକ/ଶିକ୍ଷୟିତ୍ରୀ ସାମିଲ ହୋଇଥିଲେ।

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक
Bhubaneswar Saturday July 08, 2023 ଭୁବନେଶ୍ୱର ଶନିବାର, ଜୁଲାଇ ୦୮,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ନରେନ୍ଦ୍ର ମୋଦିଙ୍କ ତାନାସାହିକୁ ବିରୋଧ କରି କଂଗ୍ରେସର ପ୍ରତିବାଦ

ଭୁବନେଶ୍ୱର ,(ପି.ଏନ): ରାହୁଲ ଗାନ୍ଧୀଙ୍କ ମାନହାନୀ ମୋକଦ୍ଦମାକୁ ଗୁଜରାଟ ହାଇକୋର୍ଟ ଯେଉଁ ନିଷ୍ପତି ଜଣାଇଲେ ତାହାକୁ ସ୍ୱୀକାର କରିବା ସହିତ ଏହି ନ୍ୟାୟିକ ପକ୍ରିୟାର ଲଢ଼େଇ ଜାରି ରହିବ। ରାହୁଲ ଗାନ୍ଧୀ ଜଣେ ଭୟଶୂନ୍ୟ ଏବଂ ସତ୍ୟ ଓ ଅହିଂସା ମାର୍ଗରେ ନିଜର ଲଢ଼େଇ ଜାରି ରଖିଥିବା ନେତା। କୌଣସି ପରିସ୍ଥିତିରେ କଂଗ୍ରେସ ଏହି ନିଷ୍ପତିକୁ ନେଇ ଡରିଯିବାର ନାହିଁ ବୋଲି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ସାମ୍ବାଦିକ ମାନଙ୍କୁ କହିଛନ୍ତି। ରାହୁଲ ଗାନ୍ଧୀଙ୍କର ଭାରତ ଯୋଡ଼ ଯାତ୍ରା ପରେ ସାରା ଭାରତବର୍ଷରେ ଜନସାଧାରଣଙ୍କର ତାଙ୍କ ପ୍ରତି ଅହେତୁକ ଭଲ ପାଇବା ଓ ତାଙ୍କ ନେତୃତ୍ୱ ପ୍ରତି ବିଶ୍ୱାସ ବଢ଼ିଯାଇଛି। ଭାରତୀୟ ଜନତା ପାର୍ଟିର ଶୀର୍ଷ ନେତୃତ୍ୱ ବିଶେଷ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ତାଙ୍କର ଘନିଷ୍ଠ ସହଯୋଗୀ ଗୃହମନ୍ତ୍ରୀ ଅମିତ ଶାହା ରାହୁଲ ଗାନ୍ଧୀଙ୍କର ଏହ ସଫଳତାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଫଳସ୍ୱରୂପ ପ୍ରତିଶୋଧ ପରାୟଣ ଏବଂ ଘୃଣା ରାଜନୀତିକୁ ନରେନ୍ଦ୍ର ମୋଦି ଓ ଅମିତ ଶାହା ଆପଣାଇ ନେଇଛନ୍ତି। କଂଗ୍ରେସ ଦଳ ଗୁଜୁରାଟ ହାଇକୋର୍ଟର ଆଦେଶନାମା ବିରୋଧରେ ପରବର୍ତୀ ନ୍ୟାୟକ ଲଢ଼େଇ ଲଢ଼ିବା ପାଇଁ ପ୍ରସ୍ତୁତ ଅଛି। ଦେଶର ଭବିଷ୍ୟତକୁ ସୁରକ୍ଷିତ ରଖିବା, ସମ୍ବିଧାନ, ଗଣତନ୍ତ୍ର ଓ ସାମ୍ବିଧାନିକ ଅନୁଷ୍ଠାନ ଗୁଡ଼ିକୁ ରକ୍ଷା କରିବାପାଇଁ ରାହୁଲ ଗାନ୍ଧୀ ସସସ୍ତ ମୂଲ୍ୟ ଦେବାପାଇଁ ପ୍ରସ୍ତୁତ ଅଛନ୍ତି ବୋଲି ଶ୍ରୀ ପଟ୍ଟନାୟକ ଦୋହରାଇ ଥିଲେ।ଘୃଣା ଏବଂ ଆକ୍ରୋଶମୂଳକ ରାଜନୀତିକୁ ବିରୋଧ କରି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ମାଷ୍ଟରକ୍ୟାଂଟିନ ଛକଠାରେ ପ୍ରଧାନ ନରେନ୍ଦ୍ର ମୋଦିଙ୍କ କୁଶପୁତଳିକା ଦାହ କରାଯାଇଥିଲା। ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ନିରନ ପଟ୍ଟନାୟକ, ଶ୍ରୀ ଜୟଦେବ ଜେନା, ଶ୍ରୀ ପ୍ରସାଦ ହରିଚନ୍ଦନ, ବରିଷ୍ଠ କଂଗ୍ରେସ ନେତା ତଥା ବିଧାୟକ ସୁରେଶ କୁମାର ରାଉତରାୟ, ପଂଚାନନ କାନୁନଗୋ, ଶରତ ରାଉତ, ବିଧାୟକ ସି.ଏସ ରାଜନ ଏକ୍କା, ଗଣମାଧମକୁ ତାଙ୍କ ପ୍ରତିକ୍ରିୟାରେ କହିଥିଲେ ଯେ ଭାରତ ବର୍ଷରେ ଘୃଣା ରାଜନୀତିର ଅବସାନ ଘଟିବାକୁ ଯାଉଛି। ରାହୁଲ ଗାନ୍ଧୀଙ୍କ ହାତମୁଠାକୁ ଟାଣ କରିବା ସହିତ ରାହୁଲ ଗାନ୍ଧୀଙ୍କ ସହିତ ସମସ୍ତ କଂଗ୍ରେସ ନେତା ଓ କର୍ମୀ ଏକଜୁଟ ହୋଇଛି ଡା ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ବିଧାୟକ ରମେଶ ଜେନା, ଦାଶରଥି ଗମାଙ୍ଗୋ, ଅନନ୍ତ ପ୍ରସାଦ ସେଠୀ, ଶିବାନନ୍ଦ ରାୟ, ବିଜୟ ପଟ୍ଟନାୟକ, ଭୁଜବଳ ମାଝୀ, ସମୀର ରାଉତରାୟ, ଯୁଧିଷ୍ଠୀର ଜେନା, ଡ. ଲଲାଟେନ୍ଦୁ ମହାପାତ୍ର, କିଶୋର ଜେନା, ବିଭୁତି ଭୂଷଣ ମିଶ୍ର, ରଶ୍ମି ମହାପାତ୍ର, ଅମୀୟ କୁମାର ପଟ୍ଟନାୟକ, ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ଚିନ୍ମୟ ସୁନ୍ଦର ଦାସ, ବିଶ୍ୱଜିତ ଦାଶ, ଶ୍ରୀନିବାସ ରାଉତରାୟ, ମାନସ ଆଚାର୍ଯ୍ୟ, ତରୁଣ ମିଶ୍ର, ଜିଆଉଲ ହକ, ବିସ୍ମୟ ମହାପାତ୍ର, ୟାସିର ନୱାଜ, ରଜତ ଚୌଧୁରୀ, ପ୍ରକାଶ ମିଶ୍ର, ରଜନୀ ମହାନ୍ତି, ଦେଓ ପ୍ରସାଦ, ପ୍ରଦୀପ୍ତ ମହାପାତ୍ର, ଗୀତାଳି ମହାନ୍ତି, ଯୋଗୀନାଥ ବାହୁବଳେନ୍ଦ୍ର, ପ୍ରଭାତ ପ୍ରତାପ ସିଂ, ଅଶୋକ ଦାସ, ରସିକ ପଟ୍ଟନାୟକ, ସୁବ୍ରତ ମହାପାତ୍ର, ଲିଙ୍ଗରାଜ ସାହୁ, ମଧୁସ୍ମିତା ଆଚାର୍ଯ୍ୟ, ଉର୍ବଶ୍ରୀ ମିଶ୍ର, ଅଭିଷେକ ମହାନନ୍ଦ, ସଂକୁନା କହଁର, ମୋହନ ଜେନା, ପୁଷ୍ପିତା ଦାଶ, ଜୟଶ୍ରୀ ପାତ୍ର, ମିନତୀ ସାହୁ, ଶ୍ରୀୟା ମହାନ୍ତି, ମୁଶ୍ରୀ ମିଶ୍ର, ସନ୍ଧ୍ୟା ଖୁଂଟିଆ, ମିହିର ଆଚାର୍ଯ୍ୟ, ଅଜୟ ସାହୁ, ରଣଜିତ ପାତ୍ର, ବିଂରଚି ନାୟକ, ଜୟକୃଷ୍ଣ ସୁବୁଦ୍ଧି, କୈଳାସ ସାହୁ, ଆଲୋକ ମହାନ୍ତି, ଜିତେନ୍ଦ୍ର ପଣ୍ଡା, ଏମଡି ସାହାଦୁଲ୍ଲା, ବିଜୟ ପ୍ରଧାନ, ପ୍ରଶନ୍ନ ପାଇକରାୟ ପ୍ରମୁଖ ଶତାଧିକ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଯୋଗଦେଇଥିଲେ।



## ପାରାଦୀପର ବରିଷ୍ଠ ବ୍ୟବସାୟୀ ଉତ୍ତମ ସାହୁଙ୍କ ପରଲୋକ

ପାରାଦୀପ,(ପି.ଏନ): ପାରାଦୀପର ବରିଷ୍ଠ ନାଗରୀକ, ବ୍ୟବସାୟୀ ତଥା ସାମ୍ବାଦିକ ଉତ୍ତମ କୁମାର ସାହୁ (୮୪)ଙ୍କ ଗତ ଜୁଲାଇ ୩ ତାରିଖ ଦିନ ଏକ ଘରୋଇ ଚିକିତ୍ସାଳୟରେ କିଡନୀ ରୋଗରେ ପୀଡିତ ହୋଇ ଚିକିତ୍ସିତ ଅବସ୍ଥାରେ ପରଲୋକ ହୋଇଯାଇଛି । ସୂଚନାଥାଉକି, ସ୍ୱର୍ଗତ ସାହୁ ୧୯୬୪ ମସିହାରୁ ପାରାଦୀପ ଆସି ବ୍ୟବସାୟ କରିବା ସହ ପାରାଦୀପ ପୋର୍ଟ ବଣିକ ସଂଘର ସଭାପତି ଥିଲେ। ଏତଦବ୍ୟତିତ ସେ ଏକ ଦୈନିକ ଖବର କାଗଜରେ ସାମ୍ବାଦିକ ଭାବେ କାର୍ଯ୍ୟ କରିବା ସହ ଜଣେ ଅମାୟିକ ଓ ପରୋପକାରୀ ବ୍ୟକ୍ତି ଥିଲେ । ତାଙ୍କ ବିୟୋଗରେ ସମଗ୍ର ପାରାଦୀପ ଅଂଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ଆତ୍ମାର ସଦଗତି ନିମନ୍ତେ ସ୍ଥାନୀୟ ବଣିକ ସଂଘରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ସାହୁଙ୍କ ଗ୍ରାମ କଟକ ଜିଲ୍ଲାର ନେମାଳ ଥାନା ଅନ୍ତର୍ଗତ ଗୋପୀନାଥପୁର। ତେବେ ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ବିଧବା ପତ୍ନୀ ମିନତୀ କୁମାରୀ ସାହୁ, କନ୍ୟା ଓ ପୁତ୍ର ତୁଳସୀ, ଜୟଶ୍ରୀ, ଜିତେନ୍, ଅଜିତ, ସଂଜୟ, ଜନ୍, ଅଭୟ, ଉର୍ବଶ୍ରୀ, କୁନୀତା ଓ ଲକ୍ଷ୍ମୀପ୍ରିୟା ଉପସ୍ଥିତ ଥିଲେ

## ପାରାଦୀପ ମହାବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ ପାଳିତ



ପାରାଦୀପ,(ପି.ଏନ):ପାରାଦୀପ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ମହାବିଦ୍ୟାଳୟ ପ୍ରାଙ୍ଗଣରେ ଗୁରୁବାର ଦିନ ବନ ମହୋତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ମହାବିଦ୍ୟାଳୟର ଅଧକ୍ଷା ଡଃ ସସ୍ମିତା ଶତପଥୀ ଉପସ୍ଥିତ ରହି ଏହି ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ମହାବିଦ୍ୟାଳୟର ଇତିହାସ ବିଭାଗ ଅଧ୍ୟାପିକା ସଂଘମିତ୍ରା ପ୍ରଧାନ ଓ ଅର୍ଥନୀତି ବିଭାଗର ଅଧ୍ୟାପକ ସୁଜିତ କୁମାର ଭୋଇ ଜାତୀୟ ସେବା ଯୋଜନାର ଅଧିକାରୀ ଭାବେ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା ମାନେ ମହାବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରା ରୋପଣ କରିଥିଲେ । ଆଗାମୀ ଦିନରେ ଏହା ସବୁଜିମା ବଢାଇବା ସହ ପରିବେଶକୁ ଅଧିକ ମନୋରମ କରିବ ବୋଲି ଆଶା କରାଯାଏ ।

## ସ୍ୱତନ୍ତ୍ର ଅଲିମ୍ପିକ୍ସ ୱାର୍ଲ୍ଡ ଗେମ୍ସ ରୌପ୍ୟ ବିଜେତାଙ୍କୁ ପ୍ରଶାସନର ସମ୍ବର୍ଦ୍ଧନା

ବଲାଙ୍ଗିର, (ପି.ଏନ): ଜର୍ମାନୀର ବର୍ଲିନଠାରେ ଅନୁଷ୍ଠିତ ସ୍ୱତନ୍ତ୍ର ଅଲିମ୍ପିକ୍ସ ୱାର୍ଲ୍ଡ ଗେମ୍ସ ୨୦୨୩ରେ ଭାଗ ନେଇ ସଟପୁଟରେ ରୌପ୍ୟ ପଦକ ହାସଲ କରିଥିବା ବୈଷ୍ଣବ ରାଜପଲିଆଙ୍କୁ ବଲାଙ୍ଗିର ଜିଲ୍ଲା ପ୍ରଶାସନ ସମ୍ବର୍ଦ୍ଧିତ କରିଛି ।ଜୁନ୍ ୧୫ରୁ ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ଏହି ମହାକୁମ୍ଭରେ ଶ୍ରୀ ରାଜପଲିଆ ୪,୪୦୦ ମିଟର ରିଲେ ଦୌଡ ଏବଂ ଜାଭେଲିନରେ ମଧ ଚତୁର୍ଥ ସ୍ଥାନ ହାସଲ କରିଥିଲେ । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଚଂଚଲ ରାଣା ନିଜ ଅଫିସରେ କୋଚଙ୍କ ସମେତ ୩ ଜଣଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । କୋଚ ଉମାକାନ୍ତ ଷଡଙ୍ଗୀ, ଝସକେତନ ସାହୁ ମଧ ଉପରୋକ୍ତ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଥିଲେ । ଜିଲ୍ଲାପାଳ ଶ୍ରୀ ରାଣା ପୁଷ୍ପଗୁଚ୍ଛ, ଉତରୀୟ, ମାନପତ୍ର ଏବଂ ଆର୍ଥିକ ପୁରସ୍କାର ସହ ସମସ୍ତଙ୍କୁ ଶୁଭେଛା ଜଣେଇଥିଲେ । ଶ୍ରୀ ରାଜପଲିଆଙ୍କୁ ତିରିଶ ହଜାର ଟଙ୍କା, ଷଡଙ୍ଗୀଙ୍କୁ ଦଶ ହଜାର ତଥା ଝସକେତନ ସାହୁଙ୍କୁ ପାଂଚ ହଜାର ଟଙ୍କା ପୁରସ୍କୃତ କରଯାଇଥିଲା ।ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚନ୍ଦ୍ରମଣି ନାଗ, ପ୍ରଧାନ ଶିକ୍ଷକ ଦେବାନନ୍ଦ ସାହୁଙ୍କୁ ମଧ ଏଥିପାଇଁ ଜିଲ୍ଲାପାଳ ପ୍ରଶଂସା କରିଥିଲେ । ଏହା ପୂର୍ବରୁ ଶ୍ରୀ ରାଜପଲିଆ ଓଡିଶାର ରାଜ୍ୟପାଳ, କ୍ରିଡା ବିଭାଗ ତରଫରୁ ମଧ ସମ୍ବର୍ଦ୍ଧିତ ହୋଇଛନ୍ତି ।

## ଆର୍ଦର୍ଶ ଶ୍ମଶାନ ମୋକ୍ଷ ସ୍ଥଳ ଉଦଘାଟିତ



ଖୋର୍ଦ୍ଧା,(ପି.ଏନ): ଖୋର୍ଦ୍ଧା ପୌରାଂଚଳ ଅନ୍ତର୍ଗତ ଟିଏଲସି ଠାରେ ଆଦର୍ଶ ଶ୍ମଶାନ ମୋକ୍ଷସ୍ଥଳ ଆଜି ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ରଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । ଉନ୍ନତି ଯୋଜନାରେ ୯୯,୯୮,୦୦୦ଟଙ୍କା ଖର୍ଚ୍ଚ କରାଯାଇ ଏହି ଆଦର୍ଶ ଶ୍ମଶାନ ନିର୍ମାଣ କରାଯାଇଛି। ଏହି ପ୍ରକଳ୍ପ ଦ୍ୱାରା ଜନସାଧାରଣ ସେମାନଙ୍କର ମୃତ ଆତ୍ମୀୟଙ୍କ ଶବକୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ସମ୍ମାନର ସହ ଶବ ଦାହ କରିପାରିବେ । ଏହି ଶ୍ମଶାନରେ ଏକ ସମୟରେ ୨ଟି ଶବଦାହ ହୋଇପାରିବ । ଗାଧୁଆ ଘର, ଶବଦାହ ସାମଗ୍ରୀ ନିମନ୍ତେ ଆବଶ୍ୟକୀୟ ଦୋକାନ ଘର, ପ୍ରତୀକ୍ଷା ଘର ଓ ପାନୀୟ ଜଳର ବ୍ୟବସ୍ଥା ମଧ୍ୟ ରହିଛି। ଆଜିର ଉଦଘାଟନ ଉତ୍ସବରେ ଅନ୍ୟତମ ଅତିଥିଭାବେ ପୌରାଧକ୍ଷା କନକ ଲକ୍ଷ୍ମୀ ମହାନ୍ତି, ୧୦ ନମ୍ବର ୱାର୍ଡ କାଉନସିଲର ମୋନାଲିସା ସିଂହ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ରିଜୱାନା କଅକବ, କନିଷ୍ଠଯନ୍ତ୍ରୀ ନୀହାର ରଞ୍ଜନ ସାହୁଙ୍କ ସମେତ ପୌରପରିଷଦର ସମସ୍ତ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି, ୧୬ ଡିସେମ୍ବର ୨୦୨୦ ରେ ବିଧାୟକ ଶ୍ରୀ ମିତ୍ରଙ୍କ ଦ୍ୱାରା ଏହାର ଶିଳାନ୍ୟାସ କରାଯାଇଥିଲା।

## ବାଲି ମାଫିଆଙ୍କ ଆକ୍ରମଣରେ ଫାସଡ଼ ଆରଆଇ ଗୁରୁତର

ବଲାଙ୍ଗିର, (ପି.ଏନ): ବାଲି ମାଫିଆଙ୍କ ଆକ୍ରମଣରେ ଫାସଡ଼ ରାଜସ୍ୱ ନିରୀକ୍ଷକ (ଆରଆଇ) ସୁଶାନ୍ତ ପଟେଲ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ଚିକିତ୍ସା ନିମନ୍ତେ ଡୁଙ୍ଗୁରିପାଲି ମେଡିକାଲରେ ଭର୍ତି କରାଯାଇଛି । ସୂଚନାନୁଯାୟୀ, ବଲାଙ୍ଗିର ଜିଲ୍ଲା ସାଲେଭଟା ଫାଣ୍ଡି ଅନ୍ତର୍ଗତ ମୁରସୁଣ୍ଡ ଅଙ୍ଗ ନଦୀରୁ ଆଜି ପୂର୍ବାହ୍ନରେ ବାଲି ଚୋରାଚାଲାଣ ବେଳେ ଫାସଡ଼ ଆରଆଇ ସୁଶାନ୍ତ ପଟେଲ ବାଲି ବୋଝେଇ ଗାଡିକୁ ଅଟକାଇଥିଲେ । ଏତିକି ବେଳେ ତାଙ୍କୁ ବାଲି ମାଫିଆମାନେ ଆକ୍ରମଣ କରିଛନ୍ତି । ଖବର ପାଇ ସାଲେଭଟା ପୁଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି । ଅନ୍ୟପକ୍ଷରେ ତହସିଲଦାର ଏ ସମ୍ପର୍କରେ ଲୋଇସିଂହା ଥାନାରେ ଏତଲା କରିଥିବା ଜଣାପଡିଛି ।

## ପାରାଦୀପ ବିକାଶରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଲେ ପୌରାଧକ୍ଷ

ପାରାଦୀପ,(ପି.ଏନ): ପ୍ରବାଦ ପୁରୁଷ ବିଜୁବାବୁଙ୍କ ମାନସ ପୁତ୍ର ପାରାଦୀପ ବନ୍ଦର ପ୍ରତିଷ୍ଠା ପରେ ସହରର ଅନେକ ବିକାଶ ହୋଇଛି । ନୂତନ ଶିଳ୍ପନୀତି, ଶିକ୍ଷାନୁଷ୍ଠାନ ମାନଙ୍କ ପାଇଁ ସୁସ୍ଥ ବାତାବରଣ ଯୋଗୁଁ ପାରାଦୀପ ଓଡିଶାର ପ୍ରମୁଖ ସହର ଭାବେ ପରିଚିତ ହୋଇଛି । ତେବେ ପାରାଦୀପର ବିକାଶ ସହିତ ଅନେକ ସ୍ଥାନୀୟ ସମସ୍ୟା ରହିଛି । ସେଗୁଡିକ ମଧ୍ୟରେ ପ୍ରମୁଖ ଭାବେ ପାରାଦୀପ ପୌରପାଳିକାରେ ପିଜ୍ଞୃତ ପ୍ରାୟ ୧୫ ହଜାର ବସ୍ତି ବାସିନ୍ଦାଙ୍କ ଥଇଥାନ, ପ୍ରଦୂଷଣ ବୃଦ୍ଧି ଯୋଗୁଁ ବିଭିନ୍ନ ଜଟିଳ ରୋଗ ଓ ଦୁର୍ଘଟଣା ଜନିତ ସାଧାରଣ ଲୋକଙ୍କ ଚିକିତ୍ସା ପାଇଁ ଏକ ମଲ୍ଟି ସ୍ପେସାଲିଷ୍ଟ ହସ୍ପିଟାଲ ନିର୍ମାଣ, ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ପାରାଦୀପ ବେଳାଭୂମିକୁ ସ୍ୱତନ୍ତ୍ର ଦୃଷ୍ଟି ସହ ଏକ ଆନ୍ତର୍ଯ୍ୟାତୀୟ ସ୍ତରୀୟ ବେଳାଭୂମି ନିର୍ମାଣ, ଶିଳ୍ପ ବିକାଶରେ ଶିକ୍ଷିତ ଯୁବକଙ୍କ କର୍ମସଂସ୍ଥାନ ପାଇଁ ପାରାଦୀପ ମହାବିଦ୍ୟାଳୟରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବ୍ୟବସ୍ଥା, ଭୁତମୁଣ୍ଡାଇ ଠାରୁ ଅଠରବାଙ୍କି ପାରାଦୀପ ମୁଖ୍ୟ ପ୍ରବେଶ ପଥ ପର୍ଯ୍ୟନ୍ତ କେନାଲ ରାସ୍ତାର ନିର୍ମାଣ, ଟ୍ରାଫିକ ସମସ୍ୟା ଦୂର ପାଇଁ ଅଠରବାଙ୍କି ଠାରୁ ଦୋଛକି ପର୍ଯ୍ୟନ୍ତ ଓଭର ବ୍ରିଜ ନିର୍ମାଣ ଓ ଟ୍ରକ ପାର୍କିଙ୍ଗ ବ୍ୟବସ୍ଥା, ବିଜୁ ପଟ୍ଟନାୟକ ମେମୋରିଆଲ ସିଏଚସି ଚିକିତ୍ସାଳୟରେ ସମସ୍ତ ୧୦ ଜଣ ଡାକ୍ତରଙ୍କ ପଦବୀ ପୂରଣ ସମେତ ଜଣେ ଓଏସଜି ଏବଂ ସର୍ଜରୀ ଡାକ୍ତରଙ୍କ ସହ ଅତିକମ୍‌ରେ ଆଉ ୩ ଜଣ ଡାକ୍ତରଙ୍କ ନିଯୁକ୍ତି ଇତ୍ୟାଦି ସମସ୍ୟା ଗୁଡିକର ସମାଧାନ ପାଇଁ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଇଥିବା ଜଣାପଡିଛି । ନିକଟରେ ୫ଟି ସଚିବ ଭି.କେ. ପାଣ୍ଡିଆନ ପାରାଦୀପ ଗସ୍ତ ସମୟରେ ପୌରାଧକ୍ଷ ଶ୍ରୀ ବିଶ୍ୱାଳ ଏସବୁ ସମସ୍ୟା ବିଷୟରେ ଅବଗତ କରାଇବା ସଙ୍ଗେ ସଙ୍ଗେ ଏହାର ତୁରନ୍ତ ସମାଧାନ ଦିଗରେ ସହଯୋଗ ପାଇଁ ଅନୁରୋଧ କରିଥିଲେ । ଦୀର୍ଘଦିନର ଏସବୁ ମୌଳିକ ସମସ୍ୟାର ସମାଧାନ ହୋଇପାରିଲେ ସାଧାରଣ ଲୋକେ ବହୁମାତ୍ରାରେ ଉପକୃତ ହୋଇପାରିବେ । ତେବେ ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ଏପରି ଜନହିତକର ଉଦ୍ୟମକୁ ସାଧାରଣରେ ବେସ ପ୍ରଶଂସା କରାଯାଇଛି ।



ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities
TUITION CLASSES for Std I to Std V Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray